**୨୦ଲକ୍ଷ ଟଙ୍କାର ସୁନାଗହଣା, ଟଙ୍କା ଚୋରି**

**ଯାଁଳା,(ଡି.ଏନ୍.ଏ.):** ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ଗଙ୍ଗପଡ଼ା ଗ୍ରାମର ଗଙ୍ଗେଶ୍ୱର ମନ୍ଦିର ନିକଟ ଋତୁରାଜ ସାମନ୍ତରାୟଙ୍କ ଘରୁ ୨୦ ଲକ୍ଷ ଟଙ୍କାର ସୁନାଗହଣା ଓ ୩ଲକ୍ଷ ୭୦ ହଜାର ଟଙ୍କା ଚୋରି ହୋଇଥିବା ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଛି। ସୋମବାର ରାତିରେ ଋତୁରାଜଙ୍କ ପରିବାର ଲୋକେ ଶୋଇଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କ ଘରର ଦୁଇଟି ଝରକା ଭାଙ୍ଗି ଘରେ ପଶିଥିଲେ। ଆଲମିରା ଲକର ଭାଙ୍ଗି ୩ଲକ୍ଷ ୭୦ହଜାର ଟଙ୍କା, ୧୦ଟି ସୁନାଚେନ, ହାର, ମଙ୍ଗଳସୂତ୍ର, ବ୍ରେସଲେଟ, ୧୩ଟି ମୁଦି, ସୁନା ବାହୁଟ, ରୁପା ଅଳଙ୍କାର ସହ ଗୋଟିଏ ଲାପଟପ ଦୁର୍ବୃତ୍ତମାନେ ନେଇଯାଇଛନ୍ତି। ପୋଲିସ ତଦନ୍ତ ଚଳାଇଛି।

## ସଂକ୍ଷେପରେ

### ଶ୍ରୀଲିଙ୍ଗରାଜଙ୍କ ଚନ୍ଦନ ଯାତ୍ରା ପାଇଁ ପ୍ରସ୍ତୁତି

**ପୁରୁଣା ଭୁବନେଶ୍ୱର,୨୬।୪(ଡି.ଏନ୍.ଏ.):** ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଚନ୍ଦନ ଯାତ୍ରା ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହେବ। ଏଥିପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ କାର୍ଯ୍ୟାଳୟ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମନ୍ଦିର ପ୍ରଶାସନର କାର୍ଯ୍ୟନିର୍ବାହୀ ଅଧିକାରୀ ଭବାନୀ ପ୍ରସାଦ ମିଶ୍ର ଅଧକ୍ଷତା କରିଥିଲେ। ଚନ୍ଦନ ଯାତ୍ରାରେ କପିଳେଶ୍ୱର ଦେବ ପୁନଃ ଯାତ୍ରାରେ ସାମିଲ ହେବା ନେଇ ସ୍ଥିର ହୋଇଛି। ୨୦୧୫ ମସିହାରୁ ଖୁଣ୍ଟିଆ ଓ ମଲିଆ ସେବାୟତଙ୍କ ମଧରେ ବିବାଦ ଯୋଗୁ କପିଳେଶ୍ୱର ଦେବ ଶ୍ରୀଜୀଉଙ୍କ ଏହି ଯାତ୍ରାରେ ସାମିଲ ହେଉନାହାନ୍ତି। ୨୨ଦିନିଆ ଏହି ଯାତ୍ରାରେ ଶ୍ରୀଲିଙ୍ଗରାଜ, ମା'ପାର୍ବତୀ, ପ୍ରଭୁ ବସୁଦେବଙ୍କ ବିନ୍ଦୁସାଗରରେ ଚାପ ଖେଳିବେ। ତେବେ ବିନ୍ଦୁସାଗରରେ ଦଳ ଥିବାରୁ ଡଙ୍ଗା ଚଳାଇବା ସମସ୍ୟା ଦେଖାଦେବ। ତେଣୁ ଦଳ ସଫା ଦଳ ସଫା ପାଇଁ ମତପ୍ରକାଶ ପାଇଥିଲା।

### ନନ୍ଦନକାନନରେ ଦେଶୀଭାଲୁ ଆକାଶ ମୃତ

**ବାରଙ୍ଗ,୨୬।୪(ଡି.ଏନ୍.ଏ.):** ପ୍ରାଣୀ ଉଦ୍ୟାନ ନନ୍ଦନକାନନର ମୁଖ୍ୟ ଆକର୍ଷଣ ଥିବା ଦେଶୀଭାଲୁ ଆକାଶ ଖାଦ୍ୟ ନ ଖାଇବା କାରଣରୁ ତା'ର ମଙ୍ଗଳବାର ମୃତ୍ୟୁ ଘଟିଛି। ତାକୁ ସାଢେ ୪ବର୍ଷ ହୋଇଥିଲା। ଆକାଶ ଚଳିତ ମାସ ୪ତାରିଖରୁ ଖାଦ୍ୟ ଖାଇବା କମାଇ ଦେଇଥିଲା। ଫଳରେ ସେ ଧୀରେ ଧୀରେ ଅସୁସ୍ଥ ହୋଇଥିଲା। ସେ ରହୁଥିବା ୧୬ନମ୍ବର(ଗ) ଏନ୍‌କ୍ଲୋଜରରେ ଟ୍ରାଙ୍କୁଲାଇଜର କରାଯାଇ ୧୮ତାରିଖରେ ଚିକିତ୍ସା ନିମନ୍ତେ ଡାକ୍ତରଖାନାକୁ ଅଣାଯାଇ ଚିକିତ୍ସା କରାଯାଉଥିଲା। ୨୦ତାରିଖରେ ଆକାଶର ଉନ୍ନତମାନର ଚିକିତ୍ସା ପାଇଁ ଓୟୁଏଟିର ବିଶେଷଜ୍ଞ ଦଳ ଆସି ତା'ର ପାଟି ଓ ନାକରୁ ନାଳ, ରକ୍ତ, ମଳ, ମୂତ୍ର ସଂଗ୍ରହ କରିବା ସହ ଏକ୍ସରେ କରିଥିଲେ। ବହୁ ଚିକିତ୍ସା ସତ୍ତ୍ୱେ ଡାକ୍ତରମାନେ ଆକାଶକୁ ବଞ୍ଚାଇପାରି ନ ଥିଲେ। ଶବ ବ୍ୟବଚ୍ଛେଦ ପରେ ତା'ର ଲିଭର ଜଣ୍ଡିସ୍ ସହ ତଳି ପେଟରେ ପାଣି ଜମା ହୋଇ ରହିବା ହେତୁ ଆକାଶର ମୃତ୍ୟୁ ଘଟିଛି ବୋଲି ଜଣାପଡିଥିଲା। ଆକାଶ ମୃତ୍ୟୁ ପରେ ଦେଶୀଭାଲୁ ସଂଖ୍ୟା ହ୍ରାସ ପାଇ ୧୫ରେ ପହଞ୍ଚିଛି। ଆକାଶ ୨୦୧୮ ମସିହା ମେ' ରେ ଦେବଗଡରୁ ଉଦ୍ଧାର ହୋଇ ନନ୍ଦନକାନନକୁ ଆସିଥିଲା।

### ଛାତ୍ରୀଛାତ୍ରଙ୍କ ଦକ୍ଷତା ବିକାଶକୁ ଗୁରୁତ୍ୱ

**ଭୁବନେଶ୍ୱର,୨୬।୪(ବ୍ୟୁରୋ):** ସ୍ୱାମୀ ବିବେକାନନ୍ଦ ସ୍କୁଲ ଅଫ୍ ଇଞ୍ଜିନିୟରିଂ ଏବଂ ଟେକ୍ନୋଲୋଜିରେ ସୌର୍ଯ୍ୟ ଶକ୍ତି ବ୍ୟବହାର ନେଇ ତିନି ଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଏଇଏସ୍ ଇଣ୍ଡିଆ ଓ ଏସ୍‌ଇଏସ୍‌ଆଇ ଓଡ଼ିଶା ଚାପ୍ଟର ଆନୁକୂଲ୍ୟରେ ଏହି ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିଲା। ଶିବିରରେ ଜିଏଇଏସ୍ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଦ୍ୱିପେନ୍ ବୋରୁଆ ଓ ଏସ୍‌ଇଏସ୍‌ଆଇ ଓଡ଼ିଶା ଚାପ୍ଟରର ଅଧକ୍ଷ ଚନ୍ଦ୍ରଶେଖର ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସୌର୍ଯ୍ୟଶକ୍ତିର ବ୍ୟବହାର କେତେ ଲାଭଦାୟକ ସେନେଇ ଆଲୋଚନା କରାଯାଇଥିଲା। ଏହା ଦ୍ୱାରା ଛାତ୍ରୀଛାତ୍ରଙ୍କ ଦକ୍ଷତା ବିକାଶ ହେବା ସହ ସେମାନେ ଆଗାମୀ ଦିନରେ ସ୍ୱାବଲମ୍ବୀ ହୋଇପାରିବେ ବୋଲି ମତପ୍ରକାଶ ପାଇଛି। ଅନ୍ୟମାନଙ୍କ ମଧରେ ଓଡ଼ିଶା ଚାପ୍ଟରର ସମ୍ପାଦକ ବି.କେଦାର ରାଓ, ଏସ୍‌ଭିଜିଆଇର ଉପାଧକ୍ଷ ଶର୍ମିଷ୍ଠା ଜେନା, ଏସ୍‌ଭିଏସ୍‌ଇଟିର ପ୍ରିନ୍ସିପାଲ ଇଂ.ଚିତ୍ତରଞ୍ଜନ ରାଉତରାୟ, ଇଲେକ୍ଟ୍ରିକାଲ ବିଭାଗ ଏଚ୍‌ଓଡି ଇଂ.କୈଳାସ ସେନାପତି, କମ୍ପ୍ୟୁଟର ବିଭାଗ ଏଚ୍‌ଓଡି ଇଂ.ସୁଶୋଭନ ସରକାର ପ୍ରମୁଖ ଯୋଗଦେଇଥିଲେ।

# ମେ' ଶେଷ ସୁଦ୍ଧା ସବୁ ଡ୍ରେନ୍ ସଫେଇ

### ବିଏମ୍‌ସିର ପ୍ରାକ୍ ମୌସୁମୀ ବୈଠକ

**ଭୁବନେଶ୍ୱର, ୨୬।୪ (ବ୍ୟୁରୋ)**

ଅସରାଏ ବର୍ଷାରେ ରାଜଧାନୀ ଭୁବନେଶ୍ୱର ଜଳମଗ୍ନ ହୋଇଯାଏ। ସ୍ମାର୍ଟସିଟିର ମାନ୍ୟତା ପାଇଥିଲେ ବି ପ୍ରତିବର୍ଷ ବର୍ଷାଦିନେ ଏଠାରେ ଜଳବନ୍ଦୀ ସମସ୍ୟା ଦେଖିବାକୁ ମିଳେ। ପାଣି ଜମିବା ଦ୍ୱାରା ପ୍ରତିବର୍ଷ ବିଏମ୍‌ସିକୁ ସମାଲୋଚନାର ଶିକାର ହେବାକୁ ପଡ଼ଥାଏ। ଏଥର ବର୍ଷା ଦିନେ ଯେପରି ପୁରୁଣା ପାଠର ପୁନରାବୃତ୍ତି ନ ହେବ ସେଥିପାଇଁ ଏବେଠାରୁ ନିଜକୁ ପ୍ରସ୍ତୁତ କରୁଛି ବିଏମ୍‌ସି। ଜଳବନ୍ଦୀ ମୁକାବିଲା ପାଇଁ ମୌସୁମୀର ଅବ୍ୟବହିତ ପୂର୍ବରୁ ମଙ୍ଗଳବାର ଏକ ପ୍ରାକ୍ ମୌସୁମୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡ୍ରେନ୍ ସଫେଇକୁ ଗୁରୁତ୍ୱ ଦିଆଯାଇଛି। ବର୍ଷାଦିନ ଆସିବା ପୂର୍ବରୁ ରାଜଧାନୀର ସମସ୍ତ ଡ୍ରେନ୍‌କୁ ଯେପରି ସଫେଇ କରାଯିବ ସେଥିପାଇଁ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ମେ' ମାସ ଶେଷ ସୁଦ୍ଧା ସମସ୍ତ ଡ୍ରେନ୍ ସଫେଇ କରାଯିବ। ସେହିପରି ଡ୍ରେନ୍‌ରୁ ବାହାରିଥିବା ଅଳିଆଗୁଡ଼ିକୁ ଦିନେ ଦୁଇଦିନ ମଧ୍ୟରେ ସେଠାରୁ ସ୍ଥାନାନ୍ତରଣ କରାଯିବ। ପୂର୍ବରୁ ଡ୍ରେନ୍‌ଗୁଡିକୁ ସଫେଇ ପରେ କଢାଯାଇଥିବା ଆବର୍ଜନା ସେହି ପାଖରେ ପଡ଼ିରହୁଥିଲା। ଫଳରେ ବର୍ଷା ହେଲେ ପୁଣି ଆବର୍ଜନାଗୁଡିକ ଡ୍ରେନରେ ପଶି ଜାମ୍ ହେଉଥିଲା ଏବଂ ରାସ୍ତାରେ ପାଣି ଜମି ରହୁଥିଲା। ତେଣୁ ଚଳିତ ବର୍ଷ ଯେପରି ଏହି ସମସ୍ୟା ନ ଉପୁଜିବ ସେଥିଲାଗି ଏବେଠାରୁ ପଦକ୍ଷେପ ନିଆଯାଉଛି। ପୂର୍ବରୁ ବର୍ଷକୁ ଥରେ ନାଳ ସଫେଇ କରାଯାଉଥିଲା। ମାତ୍ର ଏଣିକି ବର୍ଷର ବିଭିନ୍ନ ସମୟରେ ସଫେଇ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ସେହିପରି ଡ୍ରେନ୍ ମରାମତି ସାଙ୍ଗକୁ ଖୋଲାଥିବା ଡ୍ରେନ୍‌ଗୁଡିକ ଉପରେ ସ୍ଲାବ୍ ପକାଇବା କାର୍ଯ୍ୟ ତ୍ୱରାନ୍ୱିତ କରାଯିବ ବୋଲି ସୂଚନା ଦିଆଯାଇଛି। ବୈଠକରେ ବିଏମ୍‌ସିର ଅତିରିକ୍ତ କମିଶନର, ସିଟି ଇଞ୍ଜିନିୟର, ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର (ଡ୍ରେନେଜ୍), ସିଟି ହେଲ୍‌ଥ ଅଫିସରଙ୍କ ସମେତ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଆଇ) ପ୍ରୋଜେକ୍ଟ ଡାଇରେକ୍ଟର, ଇଡ୍‌କୋ, ୱାଟ୍‌କୋ, ଅଗ୍ନିଶମ ବିଭାଗ, ପୋଲିସ ବିଭାଗର ବରିଷ୍ଠ ଅଧିକାରୀ ପ୍ରମୁଖ ଯୋଗଦେଇ ନିଜର ମତ ରଖିଥିଲେ। ସୂଚନାଯୋଗ୍ୟ, ଭୁବନେଶ୍ୱରର ୬୭ଟି ୱାର୍ଡରେ ଥିବା ଡ୍ରେନ୍‌ର ଲମ୍ବ ପ୍ରାୟ ୬ଶହ କିଲୋମିଟର। ସେଥିମଧ୍ୟରୁ ପ୍ରାୟ ୧୫୮କି.ମି. ଲମ୍ବ ଇଣ୍ଟରନାଲ୍ ଡ୍ରେନ୍ ବିଏମ୍‌ସି ଅଧୀନରେ ରହିଛି। ଅପରପକ୍ଷେ କୋଭିଡ୍ କାଳରେ ଡ୍ରେନ ଉପରେ ସ୍ଲାବ୍ ପକାଇବା ପାଇଁ ପ୍ରତି ୱାର୍ଡକୁ ୫ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା। ଅଳ୍ପ କେତେକ ସ୍ଥାନକୁ ଛାଡ଼ି ବାକି ସମସ୍ତ ଡ୍ରେନ ଉପରେ ସ୍ଲାବ ପକାଯାଇଥିବା କୁହାଯାଇଛି।

# ୮ କୋଟି ବ୍ୟୟରେ ହେବ ଜଳ ନିଷ୍କାସନ ପ୍ରକଳ୍ପ



ଡ୍ରେନ୍ ନିର୍ମାଣ ପାଇଁ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏବଂ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

### ଡ୍ରେନ୍ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

**ଭୁବନେଶ୍ୱର, ୨୬।୪(ବ୍ୟୁରୋ)**

ଶ୍ୟାମପୁର ଓ ସମ୍ ହସ୍ପିଟାଲ ଅଞ୍ଚଳରେ ଜଳ ନିଷ୍କାସନ ସମସ୍ୟାର ସମାଧାନ ହେବାକୁ ଯାଉଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ କଳିଙ୍ଗ ଷ୍ଟୁଡ଼ିଓ ଛକଠାରୁ ନୂଆଗାଁ ଛକ ଭାୟା ସମ୍ ହସ୍ପିଟାଲ ଓ ଶ୍ୟାମପୁର ଗ୍ରାମରେ ୮କୋଟି ଟଙ୍କା ବ୍ୟୟ ଅଟକଳରେ ଡ୍ରେନ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏବଂ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତଙ୍କ ଦ୍ୱାରା ଏହି ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଦୀର୍ଘଦିନ ଧରି ଲାଗିରହିଥିବା ଜଳବନ୍ଦୀ ସମସ୍ୟାର ସମାଧାନ ହେବାକୁ ଯାଉଥିବାରୁ ଅଞ୍ଚଳବାସୀ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ଡେପୁଟି ମେୟର ମଞ୍ଜୁଲତା କହଁର, ପୂର୍ବତନ କର୍ପୋରେଟର ହରେକୃଷ୍ଣ ନାୟକ, ସୌଦାମିନୀ ସେଠୀ, ଦିଲୀପ ମାଝି, ୱାର୍ଡ ସଭାପତି ଆଲୋକ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# କୃଷ୍ଣଚନ୍ଦ୍ର ଗଜପତି ଥିଲେ ଦୂରଦ୍ରଷ୍ଟା, କର୍ମବୀର




ପାରଳା ଗଜପତି ବିକାଶ ମଞ୍ଚ ପକ୍ଷରୁ ଆୟୋଜିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥି।

**ଭୁବନେଶ୍ୱର,୨୬।୪(ବ୍ୟୁରୋ)**

ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଅବଦାନକୁ ଏ ଜାତି କେବେ ଭୁଲିପାରିବ ନାହିଁ। ସେ ଥିଲେ ଜଣେ ଦୂରଦ୍ରଷ୍ଟା ବ୍ୟକ୍ତିତ୍ୱ ଓ କର୍ମବୀର। ସ୍ୱାଭିମାନୀ ବ୍ୟକ୍ତିଙ୍କ ବିବିଧ ବ୍ୟକ୍ତିତ୍ୱ ସମ୍ପର୍କରେ ଜ୍ଞାନାର୍ଜନ କରିବା ସହ ତାଙ୍କ ନିର୍ଭୀକତା, ସ୍ୱାଭିମାନୀ ଆଦି ଗୁଣ ସମ୍ପର୍କରେ ଆଜିର ଯୁବପିଢ଼ି ଅନୁପ୍ରାଣୀତ ହେବା ପାଇଁ ଆଗେଇ ଆସିବା ଉଚିତ। ମଙ୍ଗଳବାର ବୁଦ୍ଧମନ୍ଦିରଠାରେ ସାମାଜିକ ଓ ସାଂସ୍କୃତିକ ସଙ୍ଗଠନ ପାରଳା ଗଜପତି ବିକାଶ ମଞ୍ଚ ପକ୍ଷରୁ ଅନୁଷ୍ଠିତ କୃଷ୍ଣଚନ୍ଦ୍ର ଗଜପତିଙ୍କ ୧୩୧ତମ ଜୟନ୍ତୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ପୂର୍ତ୍ତବିଭାଗର ପୂର୍ବତନ ଅତିରିକ୍ତ ମହାନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ରଥ ଯୋଗଦେଇ ଏହା ମତବ୍ୟକ୍ତ କରିଛନ୍ତି। କୃଷି, ଜଳସେଚନ, କ୍ଷୁଦ୍ର ଓ ମଧମ ଶିଳ୍ପ ଦ୍ୱାରା କିପରି ଅଧିକ ସଂଖ୍ୟକ ଲୋକଙ୍କୁ ରୋଜଗାର ସୁବିଧା ମିଳିପାରିବ, ଏନେଇ ସେ ଅନେକ ଲୋକହିତକର ଯୋଜନାମାନ ପ୍ରଣୟନ କରିଥିଲେ। ମହାରାଜାଙ୍କ କୃତୀଗୁଡ଼ିକୁ ବଞ୍ଚାଇ ରଖିବା ଅଥବା ରକ୍ଷଣାବେକ୍ଷଣ କରିପାରିଲେ ତାହା ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି ରଥ କହିଥିଲେ। ମଞ୍ଚର ସଭାପତି ରାହାସ ବିହାରୀ ମହାନ୍ତିଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ସମ୍ପାଦକ ରାଜକିଶୋର ପାଣିଗ୍ରାହୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ମୁଖ୍ୟବକ୍ତା ଭାବେ ଆକାଶବାଣୀ ବ୍ରହ୍ମପୁର ଓ ଭବାନୀପାଟଣାର କେନ୍ଦ୍ର ନିର୍ଦ୍ଦେଶକ ହୃଷୀକେଶ ପାଣିଗ୍ରାହୀ ଯୋଗଦେଇ ମହାରାଜା କୃଷ୍ଣଚନ୍ଦ୍ରଙ୍କ ଜୀବନର ଅନେକ ଦିଗ ସମ୍ପର୍କରେ ଉଲ୍ଲେଖ କରିଥିଲେ। ସମ୍ମାନିତ ଅତିଥିଭାବେ ଜୀବନୀକାର ସତ୍ୟନାରାୟଣ ମହାପାତ୍ର ଯୋଗଦେଇ ମହାରାଜା କୃଷ୍ଣଚନ୍ଦ୍ରଙ୍କ ପ୍ରଶାସନିକ ଦକ୍ଷତା ଏବଂ ତାହାର ପ୍ରଭାବ ଓଡ଼ିଶା ଶାସନରେ କିପରି ଅନେକାଂଶରେ ଅନୁସୃତ ହେଉଛି, ସେ ସମ୍ପର୍କରେ ଆଲୋକପାତ କରିଥିଲେ। ମଞ୍ଚର ସଦସ୍ୟ ବିଘ୍ନେଶ୍ୱର ସାହୁ ସ୍ୱାଗତ ଭାଷଣ ଦେବା ସହ ମଞ୍ଚ ପରିଚାଳନା କରିଥିଲେ। ମହାରାଜାଙ୍କ ଜୀବନୀ ସମ୍ପର୍କିତ ଫଟୋ ପ୍ରଦର୍ଶନ ସହ ସଙ୍ଗୀତଜ୍ଞ ପ୍ରଶାନ୍ତ ପାଢ଼ୀଙ୍କ ନିର୍ଦ୍ଦେଶନାରେ ସ୍ୱାଗତ ସଙ୍ଗୀତ ପରିବେଷିତ ହୋଇଥିଲା।

## ଏମ୍‌ଆର୍‌ଏଫ୍ ପରିଚାଳନା କରିବେ ଏସ୍‌ଏଚ୍‌ଜି ଗ୍ରୁପ୍

**ଭୁବନେଶ୍ୱର, ୨୬।୪ (ବ୍ୟୁରୋ)**

ରାଜଧାନୀରେ ନିର୍ମିତ ସମସ୍ତ ମାଟେରିଆଲ ରିକଭରି ଫ୍ୟାସିଲିଟି (ଏମ୍‌ଆର୍‌ଏଫ୍)ର ପରିଚାଳନା ଏସ୍‌ଏଚ୍‌ଜି ଗ୍ରୁପ୍ କରିବେ। ବିଏମ୍‌ସି ପକ୍ଷରୁ ବର୍ଜ୍ୟ ପରିଚାଳନାକୁ ଅଧିକରୁ ଅଧିକ ଉନ୍ନତି କରିବା ନିମନ୍ତେ ୧୦ଟି ଏମ୍‌ଆର୍‌ଏଫ୍ ନିର୍ମାଣ କରାଯାଇଛି। ସେଥିମଧ୍ୟରୁ ୮ଟିର ପରିଚାଳନା ଏସ୍‌ଏଚ୍‌ଜି ଗ୍ରୁପ୍ କରୁଛନ୍ତି। ଅପରପକ୍ଷେ ୱାର୍ଡ ନଂ. ୧୧ ଓ ୧୭ରେ ଥିବା ଏମ୍‌ଆର୍‌ଏଫ୍‌ର ପରିଚାଳନା ଦାୟିତ୍ୱ ୟୁଏନ୍‌ଡିପିକୁ ଦିଆଯାଇଥିଲା। ମାତ୍ର ଖୁବଶୀଘ୍ର ଏହି ଦୁଇ ଏମ୍‌ଆର୍‌ଏଫ୍‌ର ପରିଚାଳନା ଦାୟିତ୍ୱ ଏସ୍‌ଏଚ୍‌ଜି ଗ୍ରୁପ୍‌କୁ ଦିଆଯିବ। ତେବେ ସମ୍ପୃକ୍ତ ଏମ୍‌ଆର୍‌ଏଫ୍‌ଗୁଡିକର ଟେକ୍ନିକାଲ ସପୋର୍ଟ ୟୁଏନ୍‌ଡିପି ହାତରେ ରହିବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ଏ ସମ୍ପର୍କରେ ମଙ୍ଗଳବାର ବିଏମ୍‌ସିର ପରିମଳ ବିଭାଗ ଏବଂ ପରିଚାଳନା ପାଇଁ ଇଚ୍ଛୁକ ଥିବା ୬ଟି ଏସ୍‌ଏଚ୍‌ଜି ଗ୍ରୁପ୍ ସହିତ ଆଲୋଚନା କରାଯାଇଥିଲା। ଦୁଇଟି ଏମ୍‌ଆର୍‌ଏଫ୍‌ର ପରିଚାଳନା ପାଇଁ ୩ଜଣ ଲେଖାଏ ଗ୍ରୁପ୍ ଆଲୋଚନା କରିଛନ୍ତି। ସେମାନଙ୍କ ମଧ୍ୟରୁ ଯୋଗ୍ୟ ବିବେଚିତ ୨ଟି ଗ୍ରୁପ୍‌କୁ ଏହି କାର୍ଯ୍ୟ ପାଇଁ ବଛାଯିବ। ସୂଚନାଯୋଗ୍ୟ, ସହରର କଠିନ ବର୍ଜ୍ୟବସ୍ତୁ ମଧ୍ୟରୁ ଶୁଖିଲା ବର୍ଜ୍ୟବସ୍ତୁର ତୁରନ୍ତ ପ୍ରକ୍ରିୟାକରଣ ପାଇଁ ଏମ୍‌ଆର୍‌ଏଫ୍ କାର୍ଯ୍ୟକାରୀ ହେଉଛି। ମହାନଗର ନିଗମାଞ୍ଚଳରେ ମୋଟ୍ ୨୪ଟି ଏମ୍‌ଆର୍‌ଏଫ୍ ନିର୍ମାଣ ହେବାକୁ ଥିବାବେଳେ ଏଯାବତ୍ ସେଥିରୁ ୧୦ଟି କାର୍ଯ୍ୟକାରୀ ହୋଇପାରିଛି। ପ୍ରତ୍ୟେକ ଏମ୍‌ଆର୍‌ଏଫ୍‌ରେ ୫ଜଣ ଲେଖାଏ ସହକର୍ମୀ ରହି ଏଠାକୁ ଆସୁଥିବା ଶୁଖିଲା ବର୍ଜ୍ୟବସ୍ତୁର ନିୟମିତ ପୃଥକୀକରଣରେ ସହଯୋଗ କରିଥାନ୍ତି। ସମୁଦାୟ ୨୪ଟି ଏମ୍‌ଆର୍‌ଏଫ୍ ମଧ୍ୟରୁ ୧୦ଟି ଉତ୍ତର ଜୋନ୍‌ରେ ଏବଂ ୭ଟି ଲେଖାଏ ଏମ୍‌ଆର୍‌ଏଫ୍ ଦକ୍ଷିଣ-ପୂର୍ବ ଜୋନ ଓ ଦକ୍ଷିଣ ପଶ୍ଚିମ ଜୋନ୍‌ରେ କାର୍ଯ୍ୟକାରୀ ହେବ। ପ୍ରତ୍ୟେକ ଏମ୍‌ଆର୍‌ଏଫ୍‌ର ଦୈନିକ କ୍ଷମତା ୧୦ ଟନ୍ ରହିଛି।

# ସେଣ୍ଟ୍ରାଲ ବ୍ୟାଙ୍କ ଅବସରପ୍ରାପ୍ତ ଅଧିକାରୀ ସଂଘର ଦ୍ୱିବାର୍ଷିକ ସମ୍ମିଳନୀ




ସମ୍ମିଳନୀରେ ଯୋଗ ଦେଇଥିବା ଅତିଥିମାନେ।

**ଭୁବନେଶ୍ୱର, ୨୬।୪**

ସେଣ୍ଟ୍ରାଲ ବ୍ୟାଙ୍କର ଅବସରପ୍ରାପ୍ତ ଅଧିକାରୀ ସଂଘର ଦ୍ୱିବାର୍ଷିକ ସମ୍ମିଳନୀ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀକୁ ଓଡ଼ିଶା ଶାଖାର ସର୍ବଭାରତୀୟ କର୍ମକର୍ତ୍ତା ତଥା ସଭାପତି ଏ.କେ.ମୋତାୟଦ୍, ସାଧାରଣ ସମ୍ପାଦକ ନିରଞ୍ଜନ ଯୋଗାଣିଆ ଓ ଏସ୍‌ବିଆଇ ଅବସରପ୍ରାପ୍ତ ସଂଘର ସଭାପତି ଗଣେଶ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିବା ସହ ବ୍ୟାଙ୍କ ପେନ୍‌ସନଭୋଗୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ପେନ୍‌ସନର ଉନ୍ନତୀକରଣ ଓ ସ୍ୱାସ୍ଥ୍ୟ ବୀମାର ପ୍ରିମିୟମ କମାଇବା ସହ ଏଥିରେ ପରିବାରର ସମସ୍ତ ସଦସ୍ୟଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ମୁଖ୍ୟ ଅତିଥି ଜୋର୍ ଦେଇଥିଲେ। ସେହିଭଳି ପରିବାର ପେନ୍‌ସନର ଉନ୍ନତୀକରଣ ହୋଇଥିବା ଯୋଗୁ ସମସ୍ତ ଫ୍ୟାମିଲି ପେନ୍‌ସନଧାରୀମାନେ ଉପକୃତ ହୋଇଛନ୍ତି ବୋଲି ବକ୍ତାମାନେ ମନ୍ତବ୍ୟ ରଖିଥିଲେ। ସେଣ୍ଟ୍ରାଲ ବ୍ୟାଙ୍କ ଅବସରପ୍ରାପ୍ତ ଅଧିକାରୀ ସଂଘର ସଭାପତି ସୁଦର୍ଶନ ସମ୍ମିଳନୀରେ ସଭାପତିତ୍ୱ କରିଥିଲା ବେଳେ ସାଧାରଣ ସମ୍ପାଦକ ମୁରଲୀଧର ପତି ବାର୍ଷିକ ବିବରଣୀ ପାଠ କରିଥିଲେ ଓ ବିଜୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ବ୍ୟାଙ୍କ ଅଧିକାରୀ ସଂଘର ଉପଦେଷ୍ଟା ଦାମୋଦର ନନ୍ଦ ଅତିଥି ଓ ସମସ୍ତ ସଭ୍ୟଙ୍କୁ ସ୍ୱାଗତ କରିଥିଲେ। ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀ ହେମନ୍ତ କୁମାର କର, ଦେବଦତ୍ତ ନାୟକ, ପ୍ରମୋଦ ମହାନ୍ତି, ସୁଧୀର ସେନାପତି, ଅରୁଣ ସେନାପତି, ଅଭିପ୍ରାଣ ମିଶ୍ର, ଲଲାଟେନ୍ଦୁ ମହାନ୍ତି ଓ ଗୋଲଖ ନାୟକ ପ୍ରମୁଖଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଶେଷରେ ଅବସରପ୍ରାପ୍ତ ଅଧିକାରୀ ସଂଘର ନୂତନ କର୍ମକର୍ତ୍ତା ଭାବେ ସଭାପତି ବିଜୟ କୁମାର ଦାସ, ଉପସଭାପତି ବିପିନ ଗନ୍ତାୟତ, ସାଧାରଣ ସମ୍ପାଦକ ଦାମୋଦର ନନ୍ଦ, ଯୁଗ୍ମ ସାଧାରଣ ସମ୍ପାଦକ ମୁରଲୀଧର ପତି ଓ କୋଷାଧକ୍ଷ କଳ୍ପତରୁ ପୃଷ୍ଟି ନିର୍ବାଚିତ ହୋଇଛନ୍ତି। ଏହା ସହିତ କାର୍ଯ୍ୟକାରୀ ସମିତିର ସଭ୍ୟ ଭାବେ ଅରୁଣ ସେନାପତି, ଅଭିପ୍ରାଣ ମିଶ୍ର, କିଶୋର କୁମାର କର, ରତ୍ନାକର ବେହେରା, ମୁକ୍ତିକାନ୍ତ ନାୟକ ଓ ଅଲେଖ ଚନ୍ଦ୍ର ଶୁକ୍ଳା ପ୍ରମୁଖ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଉକ୍ତ ସମ୍ମିଳନୀରେ ଦେଶର ବିଭିନ୍ନ ପ୍ରାନ୍ତରୁ ଶତାଧିକ ସଭ୍ୟ ଯୋଗଦାନ କରିଥିଲେ।

# ଅଣ୍ଡା ଦର ବୃଦ୍ଧି ଦାବିରେ ଆନ୍ଦୋଳନ

**ଯାଁଳା,୨୬।୪(ଡି.ଏନ୍.ଏ.)**

ଜାତୀୟ ଅଣ୍ଡା ସମନ୍ୱୟ କମିଟି (ଏନ୍‌ଇସିସି)ର ମନମାନି ଯୋଗୁ ରାଜ୍ୟର ଅଣ୍ଡାଚାଷୀମାନେ କ୍ଷତି ସହୁଛନ୍ତି। ଏପରିକି ଋଣ ପରିଶୋଧ ନ କରିପାରି ଅନେକ ନିଜନିଜ କାରବାର ବନ୍ଦ କରିବାକୁ ବାଧ ହେଉଛନ୍ତି। ଏନେଇ ଓଡ଼ିଶା ଓ ପଶ୍ଚିମବଙ୍ଗ ଚାଷୀମାନେ ଏନ୍‌ଇସିସି ସହ ଆଲୋଚନା କରିଥିଲେ ମଧ ସୁଫଳ ମିଳିଲା ନାହିଁ। ମଙ୍ଗଳବାର ପୁଣି ଅଣ୍ଡା ଦର ବୃଦ୍ଧି ଦାବିରେ ୧୬ନମ୍ବର ଜାତୀୟ ରାଜପଥର ଗଙ୍ଗପଡ଼ା ଛକ ନିକଟରେ ଅଣ୍ଡା ଚାଷୀମାନେ ଧାରଣା ଦେବା ସହ ଆନ୍ଧ୍ରରୁ ଆସୁଥିବା ଅଣ୍ଡା ବୋଝେଇ ଟ୍ରକ୍‌କୁ ଅଟକାଇଥିଲେ।

ଅଣ୍ଡା ଚାଷୀଙ୍କ ଅଭିଯୋଗ ମୁତାବକ, ଏନ୍‌ଇସିସି ଭାରତର ବିଭିନ୍ନ ଜୋନରେ ଅଣ୍ଡା ବିକ୍ରି ଦର ଧାର୍ଯ୍ୟ କରିଥାଏ। ଏବେ ଓଡ଼ିଶାରେ ଗୋଟିଏ କୁକୁଡା ଅଣ୍ଡାର ଉତ୍ପାଦନ ଖର୍ଚ୍ଚ ୪ଟଙ୍କା ୭୦ପଇସା। କିନ୍ତୁ ଏନ୍‌ଇସିସି ଚାଷୀଙ୍କୁ ବିକ୍ରି ପାଇଁ ୩ଟଙ୍କା ଦର ଧାର୍ଯ୍ୟ କରିଛି। ଚାଷୀମାନେ ଗୋଟିଏ ଅଣ୍ଡା ପିଛା ପ୍ରାୟ ୧ ଟଙ୍କା ୭୦ ପଇସା କ୍ଷତି ସହୁଛନ୍ତି।

# ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଲେ ଜମାକାରୀ

### ରାଉତପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କରୁ ୧.୫୦କୋଟି ଆତ୍ମସାତ୍ ପ୍ରସଙ୍ଗ

**ଖୋର୍ଦ୍ଧା ଅଫିସ,୨୬।୪**

ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଅନ୍ତର୍ଗତ ବେଗୁନିଆ ବ୍ଲକ ରାଉତପଡ଼ା ଶାଖାରେ ଜମାକାରୀଙ୍କ ୧କୋଟି ୫୦ଲକ୍ଷ ଟଙ୍କା ଆତ୍ମସାତ୍ କରାଯାଇଛି। ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଏହି ଘଟଣାରେ ତଦନ୍ତ ଲାଗି କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଏବଂ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ଥାନାରେ ଏତଲା ଦେବା ଲାଗି ବ୍ୟାଙ୍କ ମୁଖ୍ୟ କାର୍ଯ୍ୟନିର୍ବାହୀ (ସିଇଓ)ଙ୍କୁ ସୁପାରିସ କରିଛନ୍ତି। ତେବେ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଏପରିକି ଜମାକାରୀ କିପରି ନିଜ ଟଙ୍କା ଫେରି ପାଇବେ, ସେନେଇ ସମବାୟ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ନୀରବତାକୁ ନେଇ ଜମାକାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ମଙ୍ଗଳବାର ରାଉତପଡ଼ାର ଶାଖାର ଶତାଧିକ ଜମାକାରୀ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବା ସହ ଘେରାଉ କରିଥିଲେ। ଟଙ୍କା ଫେରି ପାଇବା ନେଇ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ମନୋଜ ପାଢୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲାପାଳଙ୍କ ଦୃଷ୍ଟିଆକର୍ଷଣ କରାଯିବା ସହ ଆସନ୍ତା ସପ୍ତାହରେ ଏକ ପ୍ରତିନିଧି ଦଳ ସହ ଜିଲା ପ୍ରଶାସନର ଆଲୋଚନା କରାଯିବ ବୋଲି ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ବୁକିଂ ବାତିଲ କରିବାରୁ ଯୁବତୀଙ୍କୁ ଦୁର୍ବ୍ୟବହାର

### ରାପିଡୋ ଡ୍ରାଇଭର ଗିରଫ

**ଭୁବନେଶ୍ୱର,୨୬।୪(ବ୍ୟୁରୋ)**

ରାପିଡ଼ୋ ବାଇକରେ ବୁକିଂ ବାତିଲ କରିଦେବାରୁ ସମ୍ପୃକ୍ତ ଯୁବତୀଙ୍କୁ ଦୁର୍ବ୍ୟବହାର କରିବା ସହ ଅଶ୍ଳୀଳ ଫଟୋ ପଠାଇବା ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୋଲିସ ସମ୍ପୃକ୍ତ ଡ୍ରାଇଭରଙ୍କୁ ମଙ୍ଗଳବାର ଗିରଫ କରିଛି। ସେ ହେଲେ ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ମୈତ୍ରୀ ବିହାରରେ ରହୁଥିବା ଗଞ୍ଜାମ ଜିଲାର ଜିତେନ୍ଦ୍ର କୁମାର ଭୂୟାଁ (୨୯)। ପୋଲିସ ତାଙ୍କଠାରୁ ୨ଟି ମୋବାଇଲ ଫୋନ୍, ଗୋଟିଏ ବାଇକ୍ ଜବତ କରିଛି। ଅଭିଯୁକ୍ତ ଜିତେନ୍ଦ୍ରଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ଜାନୁୟାରୀ ୨୧ ତାରିଖ ସନ୍ଧ୍ୟାରେ ସତ୍ୟବିହାରରେ ରହୁଥିବା ତମସା ପଟ୍ଟନାୟକ କେଶୁରାରୁ ନିଜ ଘରକୁ ଯିବାକୁ ଅନଲାଇନ୍‌ରେ ରାପିଡ଼ୋ ବାଇକ୍ ବୁକ୍ କରିଥିଲେ। ହେଲେ ବାଇକ ଚାଳକ ଜିତେନ୍ଦ୍ର ସେଠାରେ ପହଞ୍ଚି ୫୦ଟଙ୍କା ଅତିରିକ୍ତ ଚାର୍ଜ ନେବାକୁ କହିଥିଲେ। ତେଣୁ ତମସା ଟଙ୍କା ନ ଦେଇ ବୁକିଂ ବାତିଲ କରିଦେଇଥିଲେ। ଫଳରେ ଜିତେନ୍ଦ୍ର ତାଙ୍କୁ ଦୁର୍ବ୍ୟବହାର କରି ସେଠାରୁ ପଳାଇ ଆସିଥିଲେ। ହେଲେ ଏହାପରେ ଜିତେନ୍ଦ୍ର ତମସାଙ୍କ ମୋବାଇଲ ଫୋନକୁ ବିଭିନ୍ନ ନମ୍ବରରୁ କଲ୍ କରି ଦୁର୍ବ୍ୟବହାର କରୁଥିଲେ। ଏପରିକି ତାଙ୍କ ମୋବାଇଲକୁ ବିଭିନ୍ନ ପ୍ରକାର ଅଶ୍ଳୀଳ ଫଟୋ ମଧ ପଠାଉଥିଲେ। ତମସା ଅଫିସ ଯିବାବେଳେ ସେ ପିଛା କରୁଥିଲେ। ଏନେଇ ତମସା ଅଭିଯୋଗ କରିବା ପରେ ମାର୍ଚ୍ଚ ୩୦ରେ ପୋଲିସ ଆଇପିସି ଦଫା ୫୦୬, ୫୦୯ରେ ଏକ ମାମଲା (ନଂ. ୧୦୧/୨୦୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।



ଗିରଫ ଅଭିଯୁକ୍ତ ଏବଂ ଜବତ ସାମଗ୍ରୀ।

# ସକାରାତ୍ମକ ଚିନ୍ତାଧାରା ମାନସିକ ସୁସ୍ଥତାର ରହସ୍ୟ

### ୮କୋଟି ୫୦ ଲକ୍ଷ ଯୁବତୀ ଯୁବକ ମାନସିକ ଅସୁସ୍ଥତା ଦେଇ ଗତି କରୁଛନ୍ତି

**ଭୁବନେଶ୍ୱର, ୨୬।୪ (ବ୍ୟୁରୋ)**

ଦେଶରେ ୮କୋଟି ୫୦ ଲକ୍ଷ ଯୁବତୀ ଯୁବକ ମାନସିକ ଅସୁସ୍ଥତା ଦେଇ ଗତି କରୁଛନ୍ତି। ସେମାନେ ନିଜର ପୂର୍ବ କିମ୍ବା ଭବିଷ୍ୟତ ଜୀବନ ବିଷୟରେ ଚିନ୍ତା କରିବା ଅପେକ୍ଷା ବର୍ତ୍ତମାନକୁ ନେଇ ବଞ୍ଚନ୍ତୁ। ମାନସିକ ସ୍ୱାସ୍ଥ୍ୟ ବହୁତ ଜରୁରୀ। ପ୍ରତ୍ୟେକ ମାତାପିତାଙ୍କୁ ଏହା ବୁଝିବାକୁ ହେବ। ଏହି ସମସ୍ୟାରେ ପୀଡ଼ିତ ଆଜିର ଯୁବପିଢ଼ିକୁ ଆତ୍ମବିଶ୍ୱାସ ଦ୍ୱାରା ଏହାର କଡ଼ା ମୁକାବିଲା କରିବାକୁ ହେବ ବୋଲି 'ମୋ କଲେଜ' ଅଭିଯାନ ଅଧକ୍ଷ ଆକାଶ ଦାସନାୟକ କହିଛନ୍ତି। 'ମୋ କଲେଜ' ଅଭିଯାନ ଅଧୀନରେ ବକ୍ସି ଜଗବନ୍ଧୁ ସ୍ୱୟଂଶାସିତ ମହାବିଦ୍ୟାଳୟରେ ମଙ୍ଗଳବାର 'ମାନସିକ ସୁସ୍ଥତା ଏବଂ ଆଜିର ଯୁବପିଢ଼ି' ଶୀର୍ଷକ ଜାତୀୟସ୍ତରୀୟ ସେମିନାର ଆୟୋଜିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆକାଶ କହିଲେ, କାହା ଜୀବନ ସହିତ ନିଜ ଜୀବନକୁ ମାପ କରନ୍ତୁ ନାହିଁ। କାରଣ ପ୍ରତ୍ୟେକ ବ୍ୟକ୍ତି ସ୍ୱତନ୍ତ୍ର ଏବଂ ତାହାର ଜୀବନଯାତ୍ରା ମଧ ସ୍ୱତନ୍ତ୍ର। ସକାରାତ୍ମକ ଚିନ୍ତାଧାରା ହିଁ ମାନସିକ ସୁସ୍ଥତାର ମୁଖ୍ୟ ରହସ୍ୟ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ନିରଞ୍ଜନ ମିଶ୍ର ଯୋଗଦେଇ କହିଲେ, ପିଲାଙ୍କ ମାନସିକ ସୁସ୍ଥତା ଏକ ଜରୁରୀ ବିଷୟ, ଯାହାକୁ ଉଭୟ ମାତାପିତା ଏବଂ ଶିକ୍ଷୟିତ୍ରୀ ଶିକ୍ଷକମାନେ ଠିକ ଭାବେ ବୁଝିବା ଉଚିତ। କାର୍ଯ୍ୟକ୍ରମରେ ଦିଲ୍ଲୀସ୍ଥିତ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ସେଣ୍ଟର ଫର୍ ସୋସିଆଲ ମେଡିସିନ ଆଣ୍ଡ କମ୍ୟୁନିଟି ହେଲ୍‌ଥ ବିଭାଗ ସହକାରୀ ପ୍ରଧାପିକା ଡ. ସୁନିତା ରେଡ୍ଡୀ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ମାନସିକ ସମସ୍ୟା ଏବଂ ଏହାର ଦୂରୀକରଣ ଉପରେ ମାର୍ଗଦର୍ଶନ କରାଇଥିଲେ। ସେମିନାରରେ ୨୦୦ରୁ ଅଧିକ ଛାତ୍ରୀଛାତ୍ର, ଅଧାପିକା ଅଧାପକ ଏବଂ ମୋ କଲେଜ ସଂଯୋଜକ ଉପସ୍ଥିତ ଥିଲେ। ଡ଼. ରେଡ୍ଡୀ ଛାତ୍ରୀଛାତ୍ରଙ୍କ ସହ ଭାବବିନିମୟ କରିଥିଲେ ଏବଂ ପ୍ରଫେସର ସାଧନା ଶତପଥୀ ଧନ୍ୟବାଦ ଦେଇଥିଲେ।




ସେମିନାରରେ ମୋ କଲେଜ ଅଭିଯାନ ଅଧକ୍ଷ ଆକାଶ ଦାସନାୟକ ଓ ଅନ୍ୟମାନେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୭ ଏପ୍ରିଲ, ୨୦୨୨

### ଗାୟକ ଭାସ୍କର ଦୀନବନ୍ଧୁ କରଙ୍କ ଶ୍ରାଦ୍ଧ ଦିବସ

ଟାଙ୍ଗୀ(ଖୋର୍ଦ୍ଧା),(ଡି.ଏନ୍.ଏ.): ଟାଙ୍ଗୀ ବ୍ଲକ ଅନ୍ତର୍ଗତ ରତନପୁର ଗ୍ରାମରେ ପ୍ରସିଦ୍ଧ ପାଲା ଗାୟକ ଦୀନବନ୍ଧୁ କରଙ୍କ ଶ୍ରାଦ୍ଧ ଦିବସ ଗାୟକ ଦକ୍ଷିଣ କେଶରୀ ରାମଚନ୍ଦ୍ର କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ସାମାଜିକକର୍ମୀ ଲଳିତ ମୋହନ ପଟ୍ଟନାୟକ, ମୁଖ୍ୟ ବକ୍ତା ଜଗନ୍ନାଥ ସଂସ୍କୃତି ଗବେଷକ ଡ. ଚନ୍ଦ୍ରଶେଖର ଦାଶ, ଅତିଥିଭାବେ ସରପଞ୍ଚ ଗୁରୁ ବନ୍ଧୁ ବେହେରା ପ୍ରମୁଖ ଯୋଗଦେଇ ସ୍ୱର୍ଗତ କରଙ୍କ ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଗାୟକ ଗୌରୀଶଙ୍କର ରଥ, ନବ କିଶୋର ମହାରଣା, ରମେଶ ଚନ୍ଦ୍ର ପାତ୍ର, ମନ୍ମଥ ବଲ୍ଲଭ ମାନସିଂହ, ଖବରଦାତା ବନ ବିହାରୀ ବେହେରା, ମନୋଜ କୁମାର ନାଇଡୁଙ୍କ ସମେତ ବହୁ ବାୟକ ଓ ପାଳିଆଙ୍କୁ ସମ୍ମାନିତ କରାଯାଇଥିଲା।



## ସଂକ୍ଷେପରେ

### ଛାତ୍ରୀଛାତ୍ରଙ୍କ ଦକ୍ଷତା ବିକାଶକୁ ଗୁରୁତ୍ୱ

ଭୁବନେଶ୍ୱର,୨୬।୪(ବ୍ୟୁରୋ): ସ୍ୱାମୀ ବିବେକାନନ୍ଦ ସ୍କୁଲ ଅଫ୍ ଇଞ୍ଜିନିୟରିଂ ଏବଂ ଟେକ୍ନୋଲୋଜିରେ ସୌର୍ଯ୍ୟ ଶକ୍ତି ବ୍ୟବହାର ନେଇ ତିନି ଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଏଇଏସ୍ ଇଣ୍ଡିଆ ଓ ଏସ୍ଇଏସ୍ଆଇ ଓଡ଼ିଶା ଚାପ୍ଟର ଆନୁକୂଲ୍ୟରେ ଏହି ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିଲା। ଶିବିରରେ ଜିଏଇଏସ୍ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଦ୍ୱିପେନ୍ ବୋରୁଆ ଓ ଏସ୍ଇଏସ୍ଆଇ ଓଡ଼ିଶା ଚାପ୍ଟରର ଅଧ୍ୟକ୍ଷ ଚନ୍ଦ୍ରଶେଖର ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସୌର୍ଯ୍ୟଶକ୍ତିର ବ୍ୟବହାର କେତେ ଲାଭଦାୟକ ସେନେଇ ଆଲୋଚନା କରାଯାଇଥିଲା। ଏହା ଦ୍ୱାରା ଛାତ୍ରୀଛାତ୍ରଙ୍କ ଦକ୍ଷତା ବିକାଶ ହେବା ସହ ସେମାନେ ଆଗାମୀ ଦିନରେ ସ୍ୱାବଲମ୍ବୀ ହୋଇପାରିବେ ବୋଲି ମତପ୍ରକାଶ ପାଇଛି। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଚାପ୍ଟରର ସମ୍ପାଦକ ବି.କେଦାର ରାଓ, ଏସ୍ଭିଜିଆଇର ଉପାଧ୍ୟକ୍ଷ ଶର୍ମିଷ୍ଠା ଜେନା, ଏସ୍ଭିଏସ୍ଇଟିର ପ୍ରିନ୍ସିପାଲ ଇଂ.ଚିତ୍ତରଞ୍ଜନ ରାଉତରାୟ, ଇଲେକ୍ଟ୍ରିକାଲ ବିଭାଗ ଏଚ୍ଓଡି ଇଂ.କୈଳାସ ସେନାପତି, କମ୍ପ୍ୟୁଟର ବିଭାଗ ଏଚ୍ଓଡି ଇଂ.ସୁଶୋଭନ ସରକାର ପ୍ରମୁଖ ଯୋଗଦେଇଥିଲେ।

### ଆଦର୍ଶ ବିଦ୍ୟାଳୟରେ ସ୍ଥାୟୀ ଅଧ୍ୟକ୍ଷ ନିଯୁକ୍ତି କରାଯାଉ

ଖୋର୍ଦ୍ଧା ଅଫିସ,୨୬।୪: ଖୋର୍ଦ୍ଧା ଆଦର୍ଶ ବିଦ୍ୟାଳୟର ବିଭିନ୍ନ ସମସ୍ୟା ନେଇ ଅଭିଭାବକମାନେ ସୋମବାର ଜିଲାପାଳଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ବିଦ୍ୟାଳୟରେ ପୃଥକ ଭାବେ ଛାତ୍ରୀଛାତ୍ର ନିବାସ କରାଯାଉ। ଯାତାୟାତ ବାବଦକୁ ବିଦ୍ୟାର୍ଥୀଙ୍କୁ ମାସିକ ଖର୍ଚ୍ଚ ୧ହଜାର ଟଙ୍କା ଦିଆଯାଉ। ଏହା ୨୦୧୯-୨୦ ବର୍ଷ ପିଛିଲା ବର୍ଷରୁ ଦିଆଯିବାକୁ ଦାବି କରିଛନ୍ତି। ଏଥିସହିତ ବିଦ୍ୟାଳୟ ସ୍ଥାୟୀ ଅଧ୍ୟକ୍ଷ ସହ ବିଷୟ ଭିତ୍ତିକ ଟି.ଜି ଶିକ୍ଷକ ନିଯୁକ୍ତ କରାଯାଉ। ବିଦ୍ୟାଳୟରେ ପିଲାଙ୍କ ସୁରକ୍ଷା ଦୃଷ୍ଟିରୁ ସେଫ୍ଟି ବ୍ୟବସ୍ଥା ସ୍କୁଲ ଆଗରେ ହମ୍ପସ ନିର୍ମାଣ କରିବାକୁ ଦାବିରେ ଉଲ୍ଲେଖ ରହିଛି। ନୀହାର ରଞ୍ଜନ ରାୟ, ସଞ୍ଜୟ କୁମାର ସାମନ୍ତରାୟ, ଶରତ କୁମାର ସାହୁ, ମନୋରଞ୍ଜନ ସାହୁ, ସୁଶାନ୍ତ କୁମାର ନାୟକଙ୍କ ସମେତ ଏକାଧିକ ଅଭିଭାବକ ଦାବି କରିଛନ୍ତି।

### ଶ୍ରୀରାମଦୟା ପରିଷଦର ନୂତନ କର୍ମକର୍ତ୍ତାଙ୍କ ଦାୟିତ୍ୱ ଗ୍ରହଣ

ନିରାକାରପୁର,୨୬।୪(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ନିରାକାରପୁର ସ୍ଥିତ ଶ୍ରୀରାମଦୟା ପରିଷଦର ନୂତନ କର୍ମକର୍ତ୍ତା ଚୟନ ମାରୁତି ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିର୍ବାଚନ ଅଧିକାରୀଭାବେ ଅନୁଷ୍ଠାନର ବରିଷ୍ଠ ସଭ୍ୟ ଲକ୍ଷ୍ମୀଧର ସାମନ୍ତରାୟଙ୍କ ପରିଚାଳନାରେ କର୍ମକର୍ତ୍ତା ଚୟନ କରାଯାଇଛି। ସଭାପତି ଭାବେ ଡ.ମୃତ୍ୟୁଞ୍ଜୟ ରଥ, ଉପସଭାପତି ସତ୍ୟବାଦୀ ବଳବନ୍ତରାୟ ଓ ସାରଙ୍ଗଧର ବଳିୟାରସିଂହ, କୋଷାଧ୍ୟକ୍ଷ ମହେନ୍ଦ୍ର କୁମାର ନରେନ୍ଦ୍ର, ଯୁଗ୍ମ ସମ୍ପାଦକଭାବେ ଦୀନବନ୍ଧୁ ମିଶ୍ର, ଅଶୋକ କୁମାର ବାହୁବଳେନ୍ଦ୍ର, ଲକ୍ଷ୍ମୀଧର ଦଳେଇ ଦାୟିତ୍ୱ ଗ୍ରହଣ କରିଥିଲେ। ତେବେ ଏହି ଅନୁଷ୍ଠାନରେ ସଭାପତି ପଦବୀ ପାଇଁ ବାରମ୍ବାର ଅଦଳବଦଳ କରାଯାଉଥିବା ବେଳେ ଦୀର୍ଘ ୩୦ ବର୍ଷରୁ ଊର୍ଦ୍ଧ୍ୱ ହେବ ସମ୍ପାଦକ ପଦବୀରେ ଗଙ୍ଗାଧର ତ୍ରିପାଠୀ ରହିଆସୁଛନ୍ତି।

### ନୂଆ ବସ୍ଷ୍ଟାଣ୍ଡରେ ଖୋଲିଲା ଜଳଛତ୍ର



ଖୋର୍ଦ୍ଧା ଅଫିସ,୨୬।୪: ଖୋର୍ଦ୍ଧାର ବିବେକାନନ୍ଦ ୟୁଥ କ୍ଲବ ଏବଂ ନୂଆବସଷ୍ଟାଣ୍ଡ ଧନଲକ୍ଷ୍ମୀ ମାର୍କେଟ କମ୍ପ୍ଲେକ୍ସ ବ୍ୟବସାୟୀଙ୍କ ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ଠାରୁ ଜଳଛତ୍ର ବ୍ୟବସ୍ଥା କରାଯାଇଛି। ପୌର ଉପାଧ୍ୟକ୍ଷ ସୌର୍ଯ୍ୟ ରଞ୍ଜନ ମହାନ୍ତି ଏହାକୁ ଉଦ୍ଘାଟନ କରିଥିଲେ। କ୍ଲବ ସଭାପତି ରଞ୍ଜିତ ସାମାନ୍ତରାୟ, ସମ୍ପାଦକ ପ୍ରଭାତ ପାଣିଗ୍ରାହୀ, ଗୋପାଳ କୃଷ୍ଣ ଦାସ, ସ୍ଥାନୀୟ ବ୍ୟବସାୟୀ ତପନ ସାମନ୍ତରାୟ, ଜୟନ୍ତ ବଳିୟାରସିଂ, ସୁକାନ୍ତ ପଣ୍ଡା, ସୁରେନ୍ଦ୍ର ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସମ୍ପାଦକ ପାଣିଗ୍ରାହୀ କହିଥିଲେ, ଗ୍ରୀଷ୍ମ ପ୍ରଭାବ ଯୋଗୁ ରାସ୍ତାରେ ଯାଉଥିବା ପଥଚାରୀ ପାଣି ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲୋକଙ୍କ ତୃଷ୍ଣା ମେଣ୍ଟାଇବା ପାଇଁ ଆଗାମୀ ମେ' ଶେଷ ପର୍ଯ୍ୟନ୍ତ ଜଳଛତ୍ର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

# ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଲେ ଜମାକାରୀ

## ରାଉତପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖାରୁ ୧.୫୦କୋଟି ଆତ୍ମସାତ୍ ପ୍ରସଙ୍ଗ

ଖୋର୍ଦ୍ଧା ଅଫିସ,୨୬।୪

ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଅନ୍ତର୍ଗତ ବେଗୁନିଆ ବ୍ଲକ ରାଉତପଡ଼ା ଶାଖାରେ ଜମାକାରୀଙ୍କ ୧କୋଟି ୫୦ଲକ୍ଷ ଟଙ୍କା ଆତ୍ମସାତ୍ କରାଯାଇଛି। ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଏହି ଘଟଣାରେ ତଦନ୍ତ ଲାଗି କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ଏବଂ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ଥାନାରେ ଏତଲା ଦେବା ଲାଗି ବ୍ୟାଙ୍କ ମୁଖ୍ୟ କାର୍ଯ୍ୟନିର୍ବାହୀ (ସିଇଓ)ଙ୍କୁ ସୁପାରିସ କରିଛନ୍ତି। ତେବେ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଏପରିକି ଜମାକାରୀ କିପରି ନିଜ ଟଙ୍କା ଫେରି ପାଇବେ, ସେନେଇ ସମବାୟ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ନୀରବତାକୁ ନେଇ ଜମାକାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ମଙ୍ଗଳବାର ରାଉତପଡ଼ାର ଶାଖାର ଶତାଧିକ ଜମାକାରୀ



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଜମାକାରୀମାନେ ଧାରଣାରେ ବସିଛନ୍ତି।

ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବା ସହ ଘେରାଉ କରିଥିଲେ। ଟଙ୍କା ଫେରି ପାଇବା ନେଇ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ମନୋଜ ପାଢୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସହ ଆସନ୍ତା ସପ୍ତାହରେ ଏକ ପ୍ରତିନିଧି ଦଳ ସହ ଜିଲା ପ୍ରଶାସନର ଆଲୋଚନା କରାଯିବ ବୋଲି ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ଏଥିରେ ଦର୍ଶାଯାଇଛି ଯେ, ରାଉତପଡ଼ା ଶାଖାରୁ ଅବସର ଗ୍ରହଣ କରିଥିବା ଜଣେ କର୍ମଚାରୀ ନିଜକୁ ବ୍ୟାଙ୍କର କର୍ମଚାରୀ ଦର୍ଶାଇ ଲୋକଙ୍କ ସ୍ଥାୟୀ ଓ ସଞ୍ଚୟ ଟଙ୍କା ବାବଦକୁ ନକଲି ରସିଦ୍ ଦେଇ ଏହି ଟଙ୍କା ଆତ୍ମସାତ୍ କରିଛନ୍ତି। ଘଟଣା ଜଣାପଡିବା ପରେ ବ୍ୟାଙ୍କ କର୍ତ୍ତୃପକ୍ଷ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ଅନୁକମ୍ପା ଦେଖାଉଛନ୍ତି। ସମ୍ପୃକ୍ତ ବ୍ୟକ୍ତି ଉକ୍ତ ଶାଖାରେ ଅବସର ଗ୍ରହଣ ପରେ ମଧ୍ୟ ଦୀର୍ଘ ସମୟ ପର୍ଯ୍ୟନ୍ତ ସେଠାରେ ବ୍ୟାଙ୍କ କର୍ମଚାରୀ ଭାବେ ସମସ୍ତ ସରକାରୀ କାର୍ଯ୍ୟ କରୁଥିଲେ। ଲୋକଙ୍କ ଠାରୁ ଟଙ୍କା ଜମା ରଖୁଥିଲେ। ତେବେ କିପରି କର୍ତ୍ତୃପକ୍ଷ ଓ ଶାଖା କର୍ମଚାରୀ ଏ ବିଷୟରେ ଜାଣିପାରିଲେ ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କରୋନା ମହାମାରୀ ସମୟରେ କଷ୍ଟ ଉପାର୍ଜିତ ଟଙ୍କାକୁ ବ୍ୟାଙ୍କରେ ଜମାଦେଇ ଭବିଷ୍ୟତ ପାଇଁ ସ୍ୱପ୍ନ ଦେଖିଥିବା ଜମାକାରୀ ଏବେ ଚିନ୍ତାରେ। ଟଙ୍କା ଆତ୍ମସାତ୍ ପଛରେ ଅନ୍ୟ କେଉଁମାନଙ୍କ ସମ୍ପୃକ୍ତି ରହିଛି ସେନେଇ ଖୋଳତାଡ଼ କରାଯିବାକୁ ଜମାକାରୀ ଦାବି କରିଛନ୍ତି।

### ପାଇପ୍ ଚୋରି ଉଦ୍ୟମ ପଣ୍ଡ, ୮ ଗିରଫ

ଟାଙ୍ଗୀ(ଖୋର୍ଦ୍ଧା),୨୬।୪(ଡି.ଏନ୍.ଏ.)

ପାଣି ପାଇପ୍ ଚୋରି କରୁଥିବା ବେଳେ ଟାଙ୍ଗୀ ପୋଲିସ ୮ଜଣ ଡକାୟତଙ୍କୁ କାବୁ କରିବା ସହ ୪ଟି ଗାଡ଼ି ଜବତ କରିଛି। ଅଭିଯୁକ୍ତମାନେ ହେଲେ ପୁରୀ ଜିଲା ଗଡ଼ିଶାଗୋଡା ଥାନା ଭାଟପଡ଼ା ଗ୍ରାମର ଅଭିଜିତ୍ ପତି, ପୃଥ୍ୱିରାଜ ମଲ୍ଲିକ, ବିଜୟ କୁମାର ମଲ୍ଲିକ, ଗୋପ ଥାନା ମଧୁବନ ନୟାହାଟର ସମରଜିତ୍ ସାହୁ, ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଜାମୁସାହିର ଟିଟୁ ଜେନା, ମଧୁସୂଦନ ବାରିକ, କୁସୁପଲାର ଅବିନାଶ ପଟ୍ଟନାୟକ, ବାଲିପାଟଣା ଥାନାର ଦୀପକ ଭୋଇ। ଏ ସମ୍ପର୍କରେ ଏକ ମାମଲା (ନଂ.୨୦୭/୨୨) ରୁଜୁ କରାଯାଇ ମଙ୍ଗଳବାର ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ଆଇଆଇସି ବିଜୟ କୁମାର ମଲ୍ଲିକ କହିଛନ୍ତି। ସୂଚନା ମୁତାବକ, ସୋମବାର ରାତିରେ ଅଭିଯୁକ୍ତମାନେ ପାଇପ ଚୋରି କରୁଥିବା ନେଇ ସ୍ଥାନୀୟ ଲୋକେ ପୋଲିସକୁ ସୂଚନା ଦେଇଥିଲେ। ଖବରପାଇ ପୋଲିସ ପହଞ୍ଚି ସମସ୍ତ ଅଭିଯୁକ୍ତଙ୍କୁ କାବୁ କରିଥିଲା।

## ୨୦ଲକ୍ଷ ଟଙ୍କାର ସୁନାଗହଣା, ଟଙ୍କା ଚୋରି

ଯାଁଳା,୨୬।୪(ଡି.ଏନ୍.ଏ.)

ଇନ୍ଫୋଭ୍ୟାଲି ଥାନା ଅନ୍ତର୍ଗତ ଗଙ୍ଗପଡ଼ା ଗ୍ରାମର ଗଙ୍ଗେଶ୍ୱର ମନ୍ଦିର ରାସ୍ତାରେ ଥିବା ରତୁରାଜ ସାମନ୍ତରାଙ୍କ ଘରୁ ୨୦ ଲକ୍ଷ ଟଙ୍କାର ସୁନାଗହଣା ଓ ୩ଲକ୍ଷ ୭୦ ହଜାର ଟଙ୍କା ଚୋରି ହୋଇଥିବା ମଙ୍ଗଳବାର ଅଭିଯୋଗ ହୋଇଛି। ସୋମବାର ରାତିରେ ରତୁରାଜଙ୍କ ପରିବାର ଲୋକେ ଶୋଇଥିବା ବେଳେ ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ତାଙ୍କ ଘରର ଦୁଇଟି ଝରକା ଭାଙ୍ଗି ଘରେ ପଶିଥିଲେ। ଆଲମିରା ଲକର ଭାଙ୍ଗି ୩ଲକ୍ଷ ୭୦ହଜାର ଟଙ୍କା, ୧୦ଟି ସୁନାଚେନ, ହାର, ମଙ୍ଗଳସୂତ୍ର, ବ୍ରେସଲେଟ, ୧୩ଟି ମୁଦି, ସୁନା ବାହୁଟ, ରୁପା ଅଳଙ୍କାର ସହ ଗୋଟିଏ ଲାପଟପ ଦୁର୍ବୃତ୍ତମାନେ ନେଇଯାଇଛନ୍ତି। ପ୍ରକାଶ ଯେ, ରତୁରାଜ ଭାଇଙ୍କ ଗତ କିଛି ମାସ ତଳେ ବିବାଘର ହୋଇଥିବା ବେଳେ ଭଉଣୀଙ୍କର ସମସ୍ତ ଗହଣା ଘରେ ଥିଲା। ସେହିପରି ନାରାୟଣ ସ୍ୱାଇଁଙ୍କ ଘରୁ ଗୋଟିଏ ଲାପଟପ୍, ୫ ହଜାର ଟଙ୍କା ଓ ଗୋଟିଏ ଘଣ୍ଟା ଚୋରି ହୋଇଥିବା ଅଭିଯୋଗ ହୋଇଛି। ପୋଲିସ ସିସି କ୍ୟାମେରା ଯାଞ୍ଚ କରିବା ସହ ତଦନ୍ତ ଚଳାଇଛି।



ଖୋର୍ଦ୍ଧା କାଇପଦରସ୍ଥିତ ବାବା ବୁଖାରୀ(ପୀର ବାବା)ଙ୍କ ପୀଠକୁ ଆଲୋକମାଳାରେ ସଜ୍ଜିତ କରାଯାଇଛି।

## ବାବା ବୁଖାରୀଙ୍କ ଜନ୍ମୋତ୍ସବ

ଖୋର୍ଦ୍ଧା ଅଫିସ,୨୬।୪

ଖୋର୍ଦ୍ଧା ଜିଲା କାଇପଦର ଠାରେ ରହିଛି ବାବା ବୁଖାରୀ(ପୀର ବାବା)ଙ୍କ ପୀଠ। ଏହା ସର୍ବଧର୍ମ ସମନ୍ୱୟ ପୀଠ ଭାବେ ଖ୍ୟାତି ଲାଭ କରିଛି। ମଙ୍ଗଳବାର ବାବାଙ୍କ ଜନ୍ମୋତ୍ସବ ପାଳନ ଆରମ୍ଭ ହୋଇଛି। ଏହା ଉର୍ସ ଉତ୍ସବ ଭାବେ ପରିଚିତ। ଦୁଇଦିନ ଧରି ମହାଆଡ଼ମ୍ବରରେ ପାଳିତ ହୋଇଥାଏ। ଭକ୍ତମାନେ ବାବାଙ୍କ ନିକଟରେ ଚାଦର ଚଢ଼ାଇ ଭକ୍ତି ନୈବେଦ୍ୟ ଅର୍ପଣ କରିଥାନ୍ତି। ଏହି ସମୟରେ ଦେଶ ବିଦେଶର ଶ୍ରଦ୍ଧାଳୁ ମଧ୍ୟ ଯୋଗଦେଇଥାନ୍ତି। ବାବାଙ୍କ ଜନ୍ମୋତ୍ସବ ଅବସରରେ ପୀଠ ଚତୁଃପାର୍ଶ୍ୱକୁ ରଙ୍ଗିନ ଆଲୋକମାଳାରେ ସୁସଜ୍ଜିତ କରାଯାଇଛି। ଏହି ପୀଠରେ ହିନ୍ଦୁ, ମୁସଲମାନ ସମ୍ପ୍ରଦାୟର ଶ୍ରଦ୍ଧାଳୁଙ୍କ ଭିଡ ଜମିଥିବା ଦେଖିବାକୁ ମିଳିଛି। ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହେବା ସହ ଭାଇଚାରାର ବାର୍ତ୍ତା ଦେଉଛି। ପ୍ରାୟ ୫୦ହଜାର ଭକ୍ତଙ୍କ ସମାଗମ ହୋଇଛି। ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ପୀଠ ପରିଚାଳନା କମିଟି ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ସୁରକ୍ଷା ଦୃଷ୍ଟିରୁ ପୋଲିସ ମୁତୟନ ହୋଇଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ଭକ୍ତମାନେ ଧାଡିରେ ଆସି ବାବାଙ୍କ ଦର୍ଶନ ସହ ଚାଦର ଚଢାଇଥିଲେ। ଏଥିସହ ପୀଠରେ ଖେଚୁଡି ଭୋଗ ଆରମ୍ଭ ହୋଇଛି। ପ୍ରତିବର୍ଷ ଆରବ ଦେଶରୁ ଆସିଥିବା ଭକ୍ତ ବାବାଙ୍କ ନିକଟରେ ଚନ୍ଦନ, ଅତର ଏବଂ ଚାଦର ଚଢ଼ାଇ ପରିବାର ସୁଖ ମନାସିଥାନ୍ତି। ପରମ୍ପରା ଅନୁଯାୟୀ ହିନ୍ଦୁଘର ଗୁଡ଼ିଆ ପୁଅର ନଡ଼ିଆ କୋରା ଭୋଗ ଏବଂ ମାଳୀ ଘରର ଫୁଲ ବାବା'ଙ୍କ ନିକଟରେ ଲାଗି ହୋଇଥାଏ। ମୁସଲମାନ ସମ୍ପ୍ରଦାୟର ପୂଜକ ପୂଜାପାଠ କରିଥାନ୍ତି। ଏହି ପରମ୍ପରା କେଉଁ ଆବାହନ କାଳରୁ ହୋଇଆସୁଛି। ହିନ୍ଦୁମାନେ ଗୀତାପାଠ ଏବଂ ମୁସଲମାନ ସମ୍ପ୍ରଦାୟର ଲୋକେ କୋରାନ ପାଠ କରନ୍ତି। ତେଣୁ ଏହି ପୀଠକୁ ସର୍ବଧର୍ମ ସମନ୍ୱୟ ପୀଠ ବୋଲି କୁହାଯାଏ। ବାବାଙ୍କ ଜନ୍ମଦିବସରେ ଦର୍ଶନ କଲେ ବର୍ଷ ବର୍ଷର ପାପ କ୍ଷୟ ହୋଇଥାଏ ବୋଲି ଲୋକବିଶ୍ୱାସ ରହିଛି।

### ଲୋକଙ୍କୁ ସେବା ଯୋଗାଇ ଦେବାକୁ ଗୁରୁତ୍ୱ

କୃଷ୍ଣପ୍ରସାଦ,୨୬।୪(ଡି.ଏନ୍.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ସିଆଣ୍ଡିସରପଞ୍ଚ ଆଦିତ୍ୟ ରଞ୍ଜନ ପଲାଇଙ୍କ ସଭାପତିତ୍ୱରେ ସ୍ୱତନ୍ତ୍ର ଗ୍ରାମସଭା ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପଙ୍କଜ ଲୋଚନ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମସ୍ତ ପରିବାରକୁ ବିଶୁଦ୍ଧ ପାନୀୟ ଜଳଯୋଗାଣ, ଲିଙ୍ଗଗତ ସମାନତା, ସମାନ ସୁବିଧା ସୁଯୋଗ, ସୁରକ୍ଷିତ ପରିବେଶରେ ମହିଳା ଓ ବାଳିକାଙ୍କ ସଶକ୍ତିକରଣକୁ ନିଶ୍ଚିତ କରିବା, ବ୍ୟକ୍ତିଙ୍କ ମନରେ ଅବହେଳିତ ନ ହେବାର ଭାବନା ସୃଷ୍ଟି କରି ସାମାଜିକ ସୁରକ୍ଷା ଯୋଗାଇଦେବା ଆଦି ୯ଟି ବିଷୟରେ ଲୋକଙ୍କୁ ସେବା ଯୋଗାଇଦେବା ପାଇଁ ନିଷ୍ପତ୍ତି ହୋଇଥିଲା। ଉକ୍ତ ସଭାରେ ପଞ୍ଚାୟତର ବହୁ ଜନସାଧାରଣ, ଶିକ୍ଷାବିତ୍ ଯୋଗଦେଇଥିଲେ। ସମସ୍ତ ନିର୍ବାଚିତ ସଭ୍ୟ ଲୋକଙ୍କ ସେବାରେ ନିୟୋଜିତ ହେବାକୁ ସରପଞ୍ଚ ପଲାଇ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତିସଭ୍ୟ ଲଳିତ କୁମାର ତରେଇ, ଗ୍ରାମ ରୋଜଗାର ସେବିକା ବବିରାଣୀ ନାୟକ, କୃଷି ବିଭାଗ (ଏଟିଏମ)ବିଶ୍ୱ ରଞ୍ଜନ ଦଳବେହେରାଙ୍କ ସମେତ ସମସ୍ତ ମହଲା ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

## ତୈଳିକ ବୈଶ୍ୟ ସମାଜ ସଙ୍ଗଠନ ମଜଭୁତ ପାଇଁ ଆହ୍ୱାନ




ବାର୍ଷିକ ସାଧାରଣ ଅଧିବେଶନରେ ଉପସ୍ଥିତ ଅତିଥିମାନେ।

ବୋଲଗଡ଼,୨୬।୪(ଡି.ଏନ୍.ଏ.)

ପାଞ୍ଚଗଡ଼ ରାଜ୍ୟ ତୈଳିକ ବୈଶ୍ୟ ସମାଜର ନବମ ବାର୍ଷିକ ସାଧାରଣ ଅଧିବେଶନ ବୋଲଗଡ଼ ନିକଟ ହରିପୁର ପାଟଣା ଠାରେ ଅନୁଷ୍ଠିତ ହୋଇଯାଇଛି। ବୋଲଗଡ଼ ବ୍ଲକ ଅନ୍ତର୍ଗତ ବାଙ୍କୋଇ, ହାଟବସ୍ତ, ହରିପୁରପାଟଣା, ମାଣିକପୁର, ବେଣାଗାଡ଼ିଆ ଆଦି ପାଞ୍ଚଟି ଗ୍ରାମସମୂହକୁ ନେଇ ପାଞ୍ଚଗଡ଼ ରାଜ୍ୟ ତୈଳିକ ବୈଶ୍ୟ ସମାଜ ଗଠିତ ହୋଇଥିବା ବେଳେ ଚଳିତବର୍ଷ ସାଧାରଣ ଅଧିବେଶନ ଅବସରରେ ନୂତନ କର୍ମକର୍ତ୍ତା ନିର୍ବାଚନ ଓ ରାଜ୍ୟ କାର୍ଯ୍ୟକାରୀ କମିଟି ଗଠନ କରାଯାଇଛି। ଏଥିରେ ବେଣାଗାଡ଼ିଆର ବଳଭଦ୍ର ସାହୁ ସଭାପତି, ହାଟବସ୍ତର ଲକ୍ଷ୍ମୀଧର ସାହୁ ଉପସଭାପତି, ହରିପୁର ପାଟଣାର ବିଜୟ କୁମାର ସୁବୁଦ୍ଧି ସମ୍ପାଦକ, ବାଙ୍କୋଇର ରମେଶ ଚନ୍ଦ୍ର ସାହୁ ସହସମ୍ପାଦକ, ହରିପୁର ପାଟଣାର ଜୟକୃଷ୍ଣ ସୁବୁଦ୍ଧି ଶିକ୍ଷା ସମ୍ପାଦକ, ରବୀନ୍ଦ୍ର କୁମାର ସାହୁ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇ ଶପଥପାଠ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଶିକ୍ଷକନେତା ସୁମନ୍ତ ଛୋଟରାୟ, ମୁଖ୍ୟ ବକ୍ତା ପ୍ରାଧ୍ୟାପକ ପ୍ରଫୁଲ୍ଲ କୁମାର ସୁବୁଦ୍ଧି, ସମ୍ମାନିୟ ଅତିଥିଭାବେ ଖଙ୍ଗୁରିଆ ସରପଞ୍ଚ ଜଳଧର ମହାନ୍ତି, ବିଜେଡି ନେତା ପ୍ରଦୀପ କୁମାର ସାହୁ ଯୋଗଦେଇ ତୈଳିକ ବୈଶ୍ୟ ସମାଜ ସଙ୍ଗଠନକୁ ମଜଭୁତ କରିବା ପାଇଁ ଆହ୍ୱାନ ଦେଇଥିଲେ। ପ୍ରାରମ୍ଭରେ ସମସ୍ତ ଅତିଥି ଓ କର୍ମକର୍ତ୍ତା ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସଙ୍ଗୀତଜ୍ଞ ଅବିନାଶ ସୁବୁଦ୍ଧିଙ୍କ ସ୍ୱର ସଂଯୋଜନାରେ ସ୍ୱର୍ଗତ ନରୋତ୍ତମ ସାହୁଙ୍କ ରଚିତ ତୈଳିକ ବୈଶ୍ୟ ସମାଜର ଆବାହନୀ ସଙ୍ଗୀତକୁ ବଂଶୀଧର ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରୀମାନେ ଗାନ କରିଥିଲେ। ଜୟ କୃଷ୍ଣ ସବୁଦ୍ଧି ଧନ୍ୟବାଦ ଦେଇଥିଲେ।

### ଶାଗୁଆନ କାଠ ଜବତ

ବୋଲଗଡ଼,୨୬।୪(ଡି.ଏନ୍.ଏ.)

ଖୋର୍ଦ୍ଧା ରେଞ୍ଜ ବୋଲଗଡ଼ ବନପାଳ କାର୍ଯ୍ୟାଳୟ ଅଧୀନ ପାଞ୍ଚଗଡ଼ ରିଜର୍ଭ ଫରେଷ୍ଟ ଅଞ୍ଚଳର ଏକ ଜଳାଶୟରୁ ଦୁଇଟି ଶାଗୁଆନ ଲଗକୁ ବନ ବିଭାଗ କର୍ମଚାରୀ ମଙ୍ଗଳବାର ଜବତ କରିଛନ୍ତି। ବୋଲଗଡ଼ ବନପାଳ ପ୍ରଦୀପ୍ତ କୁମାର ପଟ୍ଟନାୟକଙ୍କ ସୂଚନା ମୁତାବକ, କେହି ଦୁର୍ବୃତ୍ତ କାଠ ଚୋରି କରିବା ଉଦ୍ଦେଶ୍ୟରେ ଜଙ୍ଗଲରୁ ଶାଗୁଆନ ଗଛ କାଟି ଜଳାଶୟରେ ଲୁଚାଇ ରଖିଥିବା ଅନୁମାନ କରାଯାଉଛି। ଜବତ କାଠକୁ ବନବିଭାଗ କାର୍ଯ୍ୟାଳୟକୁ ନିଆଯାଇଛି ବୋଲି ସେ କହିଛନ୍ତି।

## ସାହସୀ ହୁଅ, ଦେଶ ପାଇଁ କାମ କର

ଖୋର୍ଦ୍ଧା ଅଫିସ,୨୬।୪

ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ଆନୁକୂଲ୍ୟରେ ଯୁକ୍ତ ଦୁଇ ଛାତ୍ରୀଙ୍କୁ ନେଇ ଚାଲିଥିବା ଆତ୍ମରକ୍ଷା କୌଶଳ ତାଲିମ ଶିବିର ଉଦ୍ଯାପିତ ହୋଇଯାଇଛି। ଉଦ୍ଯାପନୀ ଦିବସରେ କର୍ନେଲ ସୋନାଲି ରଥ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଙ୍କୁ ଆତ୍ମରକ୍ଷାର ବିଭିନ୍ନ କୌଶଳ ସମ୍ପର୍କରେ କହିଥିଲେ। ପ୍ରତ୍ୟେକ ଛାତ୍ରୀ ନିଜ ଆତ୍ମରକ୍ଷା ପାଇଁ ଯତ୍ନବାନ ହେବା ଆବଶ୍ୟକ। ଛାତ୍ରୀମାନେ ସାହସୀ, ନିର୍ଭୀକ ଏବଂ ଦେଶ ମାତୃକାର ସେବା ପାଇଁ ଆଗେଇ ଆସିବା ଲାଗି ସେ ଆହ୍ୱାନ ଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଅଶୋକ କୁମାର ରାୟସିଂ ସଭାପତିତ୍ୱ ଭାଷଣରେ ସୁସ୍ଥ ସମାଜ ଗଠନରେ ଛାତ୍ରୀଙ୍କ ପ୍ରମୁଖ ଭୂମିକା ରହିଛି ବୋଲି କହିଥିଲେ। ସାମାଜିକ କର୍ମୀ ବିଜୟ କୁମାର ଅରିଶଳ ଭଅତିଥିଭାବେ ଯୋଗଦେଇଥିଲେ। କଲେଜ ଉପାଧ୍ୟକ୍ଷ ତରୁଣକାନ୍ତି ରାୟ, ଅଧ୍ୟାପକ ପ୍ରତାପ କିଶୋର ଛୋଟରାୟ, ଅଧ୍ୟାପିକା ସୁଜ୍ଞାନୀ ଭଞ୍ଜସାମନ୍ତ, ଦିଗମ୍ବର ବଳିୟାରସିଂ ଉପସ୍ଥିତ ଥିଲେ। ଅଧ୍ୟାପିକା ଡ.ସଞ୍ଜୁକ୍ତା ପଟ୍ଟନାୟକ, ମଚଲା ସାମନ୍ତରାୟ ଶିବିର ପରିଚାଳନା କରିଥିଲେ।

## ପକ୍ଷୀଙ୍କ ପାଇଁ ଗଛରେ ଝୁଲିଲା ମାଟିପାତ୍ର

ଖୋର୍ଦ୍ଧା ଅଫିସ,୨୬।୪

ଗ୍ରୀଷ୍ମ ପ୍ରବାହ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ପଶୁପକ୍ଷୀ ପାଣି ପାଇଁ ଡହଳବିକଳ ହେଉଛନ୍ତି। ପକ୍ଷୀଙ୍କ ପାଇଁ ପିଇବା ପାଣି ଲାଗି ଅଣ୍ଟା ଭିଡିଛନ୍ତି ଯୁବ ସମାଜ। ମଙ୍ଗଳବାର ବିବେକାନନ୍ଦ ୟୁଥ କ୍ଲବ ଆନୁକୂଲ୍ୟରେ ନୂଆ ବସଷ୍ଟାଣ୍ଡ ପୌର ମାର୍କେଟ କମ୍ପ୍ଲେକ୍ସ ରାସ୍ତାକଡରେ ଥିବା ଗଛରେ ମାଟିପାତ୍ର ଲଗାଇଛନ୍ତି। ଅତିରିକ୍ତ ଜିଲାପାଳ ମନୋଜ ପାଢୀ ମୁଖ୍ୟ ଅତିଥି, ପୌର ଉପାଧ୍ୟକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି, ପାଇକ ଏକାଡେମୀ ଅଧ୍ୟକ୍ଷ ସତ୍ୟ ନାରାୟଣ ବିଶୋଇ ଓ ବରିଷ୍ଠ ଖବରଦାତା ପ୍ରଭାତ ମିଶ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। କ୍ଲବ ସଭାପତି ରଞ୍ଜିତ ସାମାନ୍ତରାୟ, ସମ୍ପାଦକ ପ୍ରଭାତ ପାଣିଗ୍ରାହୀ, ଗୋପାଳ କୃଷ୍ଣ ଦାସ, ବ୍ୟବସାୟୀ ତପନ ସାମନ୍ତରାୟ, ଜୟନ୍ତର ବଳିୟାରସିଂ, ସୁକାନ୍ତ ପଣ୍ଡା, ସୁରେନ୍ଦ୍ର ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସମ୍ପାଦକ ପାଣିଗ୍ରାହୀ କହିଥିଲେ, ଆଗକୁ ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କ ପାଇଁ ସିମେଣ୍ଟ ପାତ୍ର, ସହରର ଏକାଧିକ ସ୍ଥାନରେ ଗଛରେ ମାଟିପାତ୍ର ଲଗାଯାଇ ପାଣିର ବ୍ୟବସ୍ଥା କରାଯିବ। ଅତିଥିମାନେ ଏହି କାର୍ଯ୍ୟକୁ ପ୍ରଶଂସା କରିଥିଲେ।



କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ମନୋଜ ପାଢ଼ୀ ଓ ଅନ୍ୟମାନେ।

## ଅଣ୍ଡା ଦର ବୃଦ୍ଧି ଦାବିରେ ଆନ୍ଦୋଳନ

ଯାଁଳା,୨୬।୪(ଡି.ଏନ୍.ଏ.)

ଜାତୀୟ ଅଣ୍ଡା ସମନ୍ୱୟ କମିଟି (ଏନ୍ଇସିସି)ର ମନମାନି ଯୋଗୁ ରାଜ୍ୟର ଅଣ୍ଡାଚାଷୀମାନେ କ୍ଷତି ସହୁଛନ୍ତି। ଏପରିକି ଋଣ ପରିଶୋଧ ନ କରିପାରି ଅନେକ ନିଜନିଜ କାରବାର ବନ୍ଦ କରିବାକୁ ବାଧ୍ୟ ହେଉଛନ୍ତି। ଏନେଇ ଓଡ଼ିଶା ଓ ପଶ୍ଚିମବଙ୍ଗ ଚାଷୀମାନେ ଏନ୍ଇସିସି ସହ ଆଲୋଚନା କରିଥିଲେ ମଧ୍ୟ ସୁଫଳ ମିଳିଲା ନାହିଁ। ମଙ୍ଗଳବାର ପୁଣି ଅଣ୍ଡା ଦର ବୃଦ୍ଧି ଦାବିରେ ୧୬ନମ୍ବର ଜାତୀୟ ରାଜପଥର ଗଙ୍ଗପଡ଼ା ଛକରେ ନିକଟରେ ଅଣ୍ଡା ଚାଷୀମାନେ ଧାରଣା ଦେବା ସହ ଆନ୍ଧ୍ରରୁ ଆସୁଥିବା ଅଣ୍ଡା ବୋଝେଇ ଟ୍ରକ୍କୁ ଅଟକାଇଥିଲେ।

ଅଣ୍ଡା ଚାଷୀଙ୍କ ଅଭିଯୋଗ ମୁତାବକ, ଏନ୍ଇସିସି ଭାରତର ବିଭିନ୍ନ ଜୋନରେ ଅଣ୍ଡା ବିକ୍ରି ଦର ଧାର୍ଯ୍ୟ କରିଥାଏ। ଏବେ ଓଡ଼ିଶାରେ ଗୋଟିଏ କୁକୁଡା ଅଣ୍ଡାର ଉତ୍ପାଦନ ଖର୍ଚ୍ଚ ୪ଟଙ୍କା ୭୦ପଇସା। କିନ୍ତୁ ଏନ୍ଇସିସି ଚାଷୀଙ୍କୁ ବିକ୍ରି ପାଇଁ ୩ଟଙ୍କା ଦର ଧାର୍ଯ୍ୟ କରିଛି। ଚାଷୀମାନେ ଗୋଟିଏ ଅଣ୍ଡା ପିଛା ପ୍ରାୟ ୧ ଟଙ୍କା ୭୦ ପଇସା କ୍ଷତି ସହୁଛନ୍ତି। ମକା, ସୋୟା, ଖୁଦ ଏବଂ ଔଷଧ ଖର୍ଚ୍ଚ ବଢିଥିବା ବେଳେ ଅଣ୍ଡା କମ୍ ଦରରେ ବିକ୍ରି କରାଯାଉଛି। ଫଳରେ ଉଭୟ ଚାଷୀ ଓ ଖାଉଟି କ୍ଷତିଗ୍ରସ୍ତ ହେଉଛନ୍ତି। ଅଣ୍ଡା ଚାଷୀ ଦିନକୁ ଲକ୍ଷ ଲକ୍ଷ ଟଙ୍କା କ୍ଷତି ସହୁଛନ୍ତି। ଆନ୍ଧ୍ର ଓ ତେଲେଙ୍ଗାନାର ଚାଷୀଙ୍କ ଅବସ୍ଥା ମଧ୍ୟ ସମାନ। ଏନେଇ ଏପ୍ରିଲ ୪ରେ ଆନ୍ଧ୍ରରୁ ଆସୁଥିବା ଅଣ୍ଡା ଗାଡିକୁ ଅଟକାଇ ଅଣ୍ଡା ଚାଷୀମାନେ ଆନ୍ଦୋଳନ କରିଥିଲେ। ଏନଇସିସି ଚାଷୀ ପ୍ରତିନିଧିଙ୍କୁ ରାଜମହେନ୍ଦ୍ରି ଡାକି ଆଲୋଚନା କରିଥିଲେ। ବୈଠକରେ ଆନ୍ଧ୍ର ଓ ତେଲେଙ୍ଗାନାର ଚାଷୀମାନେ ଆସିଥିଲେ ମଧ୍ୟ ଟ୍ରେଡରମାନେ ଯୋଗ ଦେଇ ନ ଥିଲେ। ଫଳରେ ଆଲୋଚନା ବିଫଳ ହୋଇଥିଲା। ଅଣ୍ଡାଚାଷୀଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ ଓ ଚାଷୀଙ୍କ ଠାରୁ ଅଣ୍ଡା ଉଠାଇବା ବେଳେ ଉଚିତ୍ ଦର ନିର୍ଦ୍ଧାରଣ ଦାବି ରହିଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଅଣ୍ଡା ଚାଷୀମାନେ ଚେତାବନୀ ଦେଇଛନ୍ତି।




ଗଙ୍ଗପଡା ଛକ ନିକଟରେ ଅଣ୍ଡାଚାଷୀମାନେ ଧାରଣାରେ ବସିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୭ ଏପ୍ରିଲ, ୨୦୨୨



### ୫ ଦିନ ପରେ ଘରକୁ ଫେରିଲେ ବୃଦ୍ଧା

କାକଟପୁର,(ଡି.ଏନ୍.ଏ.): ପୁରୀ ଜିଲା ନିମାପଡା ବ୍ଲକ ରଟିଲୋ ସ୍ଥିତ ଅରିଲୋ ଗ୍ରାମର ଜନୈକ ବୃଦ୍ଧା ୫ ଦିନ ହେବ ନିଖୋଜ ଥିବାବେଳେ ମଙ୍ଗଳବାର ଘରକୁ ଫେରିଛନ୍ତି। ଘଟଣାରୁ ଜଣାପଡିଛି, ମଞ୍ଜୁବାଳା ଜେନା ୫ ଦିନ ହେବ କୌଣସି କାରଣରୁ ଘରୁ ଚାଲି ଆସିଥିଲେ। ପରିବାର ଲୋକେ ତାଙ୍କୁ ଅନେକ ଖୋଜାଖୋଜି ପରେ ନ ମିଳିବାରୁ ଥାନାରେ ଅଭିଯୋଗ କରିଥିଲେ। ଏହି ଖବରକୁ ଯୁବ ସ୍ୱେଚ୍ଛାସେବୀ ରମେଶ ଜେନା ସୋସିଆଲ ମିଡିଆରେ ଛାଡିଥିଲେ। ନିର୍ବାଚନମଣ୍ଡଳୀର ଖବରଦାତା ସଂଗଠନ କାକଟପୁର ମିଡିଆ ଫୋରମ୍ ଏହାକୁ ଫେସ୍‌ବୁକ୍‌ରେ ପୋଷ୍ଟ କରିଥିଲା। ଏହାର ୧୨ ଘଣ୍ଟା ମଧ୍ୟରେ କାକଟପୁର ୟୁଥ୍ ମାସ୍‌ର ସ୍ୱେଚ୍ଛାସେବୀ ସରୋଜ ସାହୁ ବୃଦ୍ଧାଙ୍କ ସନ୍ଧାନ ପାଇ ତାଙ୍କ ସମ୍ପର୍କୀୟଙ୍କୁ ଜଣାଇଥିଲେ। ପରିବାରର ସଦସ୍ୟ ଆସି ତାଙ୍କୁ ଘରକୁ ନେଇଯାଇଥିଲେ। ଫୋରମ୍ ପକ୍ଷରୁ ସରୋଜଙ୍କୁ ସେବା ସମ୍ମାନରେ ସମ୍ମାନିତ କରାଯାଇଛି।

### ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୬।୪।୨୦୨୨

| ୨,୨୦,୩୯୭ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ୬.୨୦୦ ଗ୍ରାମ |

# ମନ୍ଥର ଗତିରେ ଚେକ୍‌ଡ୍ୟାମ୍ ନିର୍ମାଣ

■ ଡିସେମ୍ବର ସୁଦ୍ଧା ସାରିବାକୁ ଲକ୍ଷ୍ୟ
■ ୫ରୁ ୧୦ ପ୍ରତିଶତ ସରିଛି

ନିମାପଡ଼ା,୨୬।୪(ଡି.ଏନ୍.ଏ.)

ନିମାପଡ଼ା ବ୍ଲକ ଅନ୍ତର୍ଗତ ଧନୁଆଁ ପଞ୍ଚାୟତର ଦେଖେଣ, ଡିହସାହି ଗ୍ରାମ ନିକଟରେ ଧନୁଆଁ ନଦୀ ଭିତରେ ଏକ ଚେକଡ୍ୟାମ ନିର୍ମାଣ ନିମନ୍ତେ ଟେଣ୍ଡର କରାଯାଇ କାର୍ଯ୍ୟାରମ୍ଭ ହୋଇଛି। ପୁରୀ ଡ୍ରେନେଜ ବିଭାଗ ଡିଭିଜନ ପକ୍ଷରୁ ପ୍ରାୟ ୩କୋଟି ଟଙ୍କା ବ୍ୟୟରେ ଚେକଡ୍ୟାମ, କଂକ୍ରିଟ ୱାଲ, ଏକ ପକ୍କା ବ୍ରିଜ, ପ୍ୟାକିଂ ଆଦି କାର୍ଯ୍ୟ କରାଯିବାକୁ ପ୍ରସ୍ତାବ ରହିଛି। ହେଲେ ଏହି କାର୍ଯ୍ୟ ମନ୍ଥର ଗତିରେ ଚାଲୁଥିବା ନେଇ ସ୍ଥାନୀୟ ଅଞ୍ଚଳବାସୀ ଓ ଚାଷୀମାନେ ଅଭିଯୋଗ କରିଛନ୍ତି। ଏହି ଚେକଡ୍ୟାମ ନିର୍ମାଣ ହେଲେ ନିମାପଡ଼ା ବ୍ଲକର ଧନୁଆଁ, ଶଗଡ଼ା, ବଡ଼ମାଛପୁର ପଞ୍ଚାୟତର ବିଭିନ୍ନ ଗ୍ରାମ ଓ ବାଲିପାଟଣା ବ୍ଲକର ରାଜଶ, ସୋମଣା ପଞ୍ଚାୟତର ମିଶାଇ ମୋଟ ୧୮ଗ୍ରାମର ୨ହଜାରରୁ ଊର୍ଦ୍ଧ୍ୱ ଚାଷୀ ଉପକୃତ ହୋଇପାରିବେ। ଏହି ଚେକଡ୍ୟାମ ପ୍ରାୟ ୪ହଜାର ହେକ୍ଟର ଚାଷଜମିକୁ ଜଳଯୋଗାଣ ହୋଇପାରିବ। ଶହ ଶହ ଚାଷୀ ଏହି ଚେକଡ୍ୟାମରୁ ଜଳଯୋଗାଣ ଯୋଗେ ଧାନ, ମୁଗ, ବିରି ପନିପରିବା, ରବି ଫସଲ ଆଦି ଚାଷ କରି ଉପକୃତ ହୋଇପାରିବେ। ତେଣୁ ନିର୍ମାଣ କାର୍ଯ୍ୟ ଯୁଦ୍ଧକାଳୀନଭିତ୍ତିରେ କରାଯାଇ ଯଥାଶୀଘ୍ର କାର୍ଯ୍ୟକ୍ଷମ କରାଯିବାକୁ ଧନୁଆଁ ପଞ୍ଚାୟତର ସରପଞ୍ଚ ମମତା ପରିଡ଼ା, ସମିତିସଭ୍ୟ ଜୟଦେବ ସ୍ୱାଇଁ, ପୂର୍ବତନ ସରପଞ୍ଚ ଗୋକୁଳାନନ୍ଦ ପରିଡ଼ା, ସ୍ଥାନୀୟ ଚାଷୀ ଜଟାଧାରୀ ସ୍ୱାଇଁ, ରାଜକିଶୋର ପରିଡ଼ା, ଭାଗ୍ୟଦେବ ମହାନ୍ତି, କାଙ୍ଗାଳି ପରିଡ଼ା, କୃପାସିନ୍ଧୁ ପରିଡ଼ା, ଗଗନ ବରିହା, ରମେଶ ବରିହା ପ୍ରମୁଖ ଡ୍ରେନେଜ ବିଭାଗର ଏସ୍‌ଇ, ନିର୍ବାହୀ ଯନ୍ତ୍ରୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୁଖଙ୍କ ନିକଟରେ ଦାବି କରିଛନ୍ତି।

ଏହି ଚେକଡ୍ୟାମର ନିର୍ମାଣ କାର୍ଯ୍ୟ ୨୦୨୨ ଜାନୁୟାରୀର ଆରମ୍ଭ ହୋଇ ଡିସେମ୍ବର ସୁଦ୍ଧା ଶେଷ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ ରହିଥିବା ବିଭାଗୀୟ ଅଧିକାରୀମାନଙ୍କଠାରୁ ସୂଚନା ମିଳିଛି। ଏହି ଚେକଡ୍ୟାମର ନିର୍ମାଣ କାର୍ଯ୍ୟ ଅଦ୍ୟାବଧି ମାତ୍ରର ୫ରୁ ୧୦ ପ୍ରତିଶତ ଆରମ୍ଭ ହୋଇଛି। ମନ୍ଥର ଗତିରେ ଚେକଡ୍ୟାମ କାର୍ଯ୍ୟ ଚାଲୁଥିବାରୁ ଠିକ୍ ସମୟରେ ସରିବାକୁ ନେଇ ଆଶଙ୍କା ରହିଛି। ନିର୍ମାଣ କାର୍ଯ୍ୟ ଅହେତୁକ ବିଳମ୍ବ ଯୋଗୁ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। କାର୍ଯ୍ୟ ବିଳମ୍ବ ସମ୍ପର୍କରେ ଡ୍ରେନେଜ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ମୁରଲୀଧର ବେହେରା, ସହକାରୀ ଯନ୍ତ୍ରୀ ଜିତେନ୍ଦ୍ର ସାହୁ କୁହନ୍ତି, ସ୍ଥାନୀୟ ଅଞ୍ଚଳର ୨/୩ଟି ଗ୍ରାମର କେତେଜଣ ଚାଷୀ ଏହି ନିର୍ମାଣ କାର୍ଯ୍ୟକୁ ବିରୋଧ କରି ବନ୍ଦ କରୁଥିବାରୁ କାର୍ଯ୍ୟ ବିଳମ୍ବ ହେଉଛି। ବର୍ତ୍ତମାନ ଯେଉଁ ସ୍ଥାନରେ ଚେକଡ୍ୟାମ ନିର୍ମାଣ କରାଯାଉଛି। ତାହା ସମସ୍ତ ଚାଷୀଙ୍କ ପାଇଁ ଉପଯୁକ୍ତ ସ୍ଥାନ ନୁହେଁ, ଏହି ପ୍ରକଳ୍ପକୁ ପ୍ରସ୍ତାବିତ ସ୍ଥାନରୁ ୨ଶହ, ୩ ଶହ ମିଟର ପଛକୁ ସ୍ଥାନାନ୍ତରିତ କରାଯାଇ ନିର୍ମାଣ କରିବାକୁ ଏହି ଚାଷୀମାନେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି। ଉଲ୍ଲେଖଥାଉ କି, ଗଣଶିକ୍ଷା ମନ୍ତ୍ରୀ ଦାଶ ପୂର୍ବରୁ ଦେଖଣ, ଡିହସାହି ଗ୍ରାମ ନିକଟରେ ଚେକଡ୍ୟାମ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପ୍ରସ୍ତାବିତ ସ୍ଥାନରେ ନୂତନ ପ୍ରକଳ୍ପର କାର୍ଯ୍ୟାରମ୍ଭ ହୋଇଛି। କାର୍ଯ୍ୟ ସମାପନ ହେଲେ ଚାଷଜମିକୁ ଜଳଯୋଗାଣ, ଚାଷକାର୍ଯ୍ୟ କରାଯିବାରେ କୌଣସି ପ୍ରତିବନ୍ଧକ ସୃଷ୍ଟି ହେବ ନାହିଁ ବୋଲି ସାଧାରଣରେ ମତପ୍ରକାଶ ପାଇଛି।




ସମତା ସାହିତ୍ୟ ସମିତି ପକ୍ଷରୁ ମଙ୍ଗଳବାର ପୁରୀରେ ଅନୁଷ୍ଠିତ ଓଡ଼ିଆ ଭାଷା ସୁରକ୍ଷା ସମ୍ପର୍କିତ ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ ସାହିତ୍ୟିକ ପ୍ରତିଭା ତ୍ରିପାଠୀଙ୍କୁ ସମତା ସାହିତ୍ୟ ସମ୍ମାନ ପ୍ରଦାନ କରାଯାଉଛି ।

## ଶ୍ରୀମନ୍ଦିର ସୁରକ୍ଷା ନେଇ ଐତିହ୍ୟ ପରିଷଦର ବୈଠକ

ପୁରୀ ଅଫିସ,୨୬।୪

ଶ୍ରୀମନ୍ଦିରର ସୁରକ୍ଷା ପ୍ରସଙ୍ଗରେ ଓଡ଼ିଆ ଐତିହ୍ୟ ସଂରକ୍ଷଣ ପରିଷଦର ପକ୍ଷରୁ ଏକ ବୈଠକ ସ୍ଥାନୀୟ ହୋଟେଲ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଆୟୋଜିତ ହୋଇଛି। ବୈଠକରେ ପରିଷଦର ସଭାପତି ବିଭୁପ୍ରସାଦ ତ୍ରିପାଠୀ ଅଧକ୍ଷତା କରିଥିବାବେଳେ ସମ୍ପାଦକ ତଥା ଗବେଷକ ଦେବୀ ପ୍ରସନ୍ନ ନନ୍ଦ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ସାମ୍ବାଦିକ ରାଜକୁମାର ମହାନ୍ତି, ପରିବେଶବିତ୍ ଜଗନ୍ନାଥ ବସ୍ତିଆ, ଦୃଷ୍ଟିର ମୁଖ୍ୟ ସମ୍ପାଦକ ନାରାୟଣ ଦାଶ, ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରବୀଣ ଗବେଷକ ତଥା ପରିଷଦର ଆଧାର ପୁରୁଷ ଡ. ସୁରେନ୍ଦ୍ର କୁମାର ମିଶ୍ର, ଶ୍ରୀମନ୍ଦିର ଦଇତାପତି ନିଯୋଗର ପୂର୍ବତନ ସଭାପତି ରବୀନ୍ଦ୍ର ଦାସ ମହାପାତ୍ର, ବରିଷ୍ଠ ସେବକ ରବିନାରାୟଣ ସାମନ୍ତରାୟ ଏବଂ ଉତ୍କଳ ବିଦ୍ୱତ ପରିଷଦର ସଭାପତି ମନୋଜ କୁମାର ରଥ ଯୋଗଦେଇଥିଲେ। ଶ୍ରୀମନ୍ଦିରର ସୁରକ୍ଷା, ରକ୍ଷଣାବେକ୍ଷଣା ଓ ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ଉପସ୍ଥିତ ସଦସ୍ୟମାନେ ମତ ଉପସ୍ଥାପନ କରିଥିଲେ। ବିଭିନ୍ନ ଗଣମାଧ୍ୟମରେ ଶ୍ରୀମନ୍ଦିରର ନାଟ ମନ୍ଦିର ଓ ଜୟବିଜୟ ଦ୍ୱାର ସମେତ ବିଭିନ୍ନ ସ୍ଥାନରେ ଫାଟ ପରିଦୃଶ୍ୟ ହେଉଥିବା ପ୍ରସାରିତ ହେଉଥିବା ସମ୍ପର୍କରେ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ପଲସ୍ତରାର ତଳେ ମଧ୍ୟ ଅଧିକ ଫାଟ ଥାଇପାରେ ଓ ତାହା ଦ୍ୱାଦଶ ଶତାବ୍ଦୀର ନିର୍ମିତ ଶ୍ରୀବତ୍ସ ଖଣ୍ଡଶାଳ ଶ୍ରୀମନ୍ଦିର ପ୍ରତି ବିପଦ ଆଣିବାର ଆଶଙ୍କା ଥିବା କାରଣରୁ ଫାଟଗୁଡ଼ିକୁ ଯାଞ୍ଚ କରି ତୁରନ୍ତ ଆବଶ୍ୟକ ମରାମତି କରାଯିବା ନିମନ୍ତେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ଏଏସ୍‌ଆଇଙ୍କ ନିକଟରେ ମୁଖ୍ୟମନ୍ତ୍ରୀ ଓ ଜିଲାପାଳଙ୍କ ମାଧ୍ୟମରେ ଦାବି ଉପସ୍ଥାପନ କରାଯିବା ନିମନ୍ତେ ବୈଠକରେ ସ୍ଥିର କରାଯାଇଛି। ଶେଷରେ ସମ୍ପାଦକ ନନ୍ଦ ଧନ୍ୟବାଦ ଦେଇଥିଲେ।

## ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା

ସାକ୍ଷୀଗୋପାଳ,୨୬।୪(ଡି.ଏନ୍.ଏ.): ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ଠାରେ ମଙ୍ଗଳବାର ସତ୍ୟବାଦୀ ବ୍ଲକସ୍ତରୀୟ ମେଗା ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ପଞ୍ଚାୟତରୁ ପ୍ରାୟ ୭୦୦ରୁ ଊର୍ଦ୍ଧ୍ୱ ଲୋକ ଏଥିରେ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ଔଷଧ ନେଇଥିଲେ। ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ଯୋଗଦେଇ ମେଳା ଉଦ୍‌ଘାଟନ କରିଥିଲେ। ଗୋଟିଏ ସ୍ଥାନରେ ବିଶେଷଜ୍ଞଙ୍କ ଦ୍ୱାରା ଉତ୍ତମ ଚିକିତ୍ସା ଯୋଗାଇ ଦେବା ଲକ୍ଷ୍ୟରେ ସରକାର ଏହି ପରାମର୍ଶ ଦେଇଥିବା ବିଧାୟକ କହିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ସୁଜାତା ମିଶ୍ର, ବିଡିଓ କ୍ଷୀରୋଦ ବେହେରା, ବ୍ଲକ ଅଧ୍ୟକ୍ଷ ସୁନୀଲ ପଣ୍ଡା, ସିଡିପିଓ ରାଜଲକ୍ଷ୍ମୀ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ସ୍ତ୍ରୀରୋଗ, ଚକ୍ଷୁ, କର୍ଣ୍ଣ, ନାସା, ଗଳା, ଅସ୍ଥିଶଲ୍ୟ, ଭେଷଜ, ଶିଶୁ, ଯୋଗ ଏବଂ ଫିଜିଓଥେରାପି ଚିକିତ୍ସା ଯୋଗାଇ ଦିଆଯାଇଥିଲା। ଏଥିରେ ଆଶା ଓ ଅଙ୍ଗନୱାଡି କର୍ମୀ, ସ୍ୱାସ୍ଥ୍ୟ କର୍ମୀ ସହଯୋଗ କରିଥିଲେ। ଫାର୍ମାସିଷ୍ଟ ସୁରେଶ ନନ୍ଦ, ବିପିଏମ ଜ୍ୟୋତିରଞ୍ଜନ ଶତପଥୀ, ବିଇଓ କ୍ଷେତ୍ରମଣି ସେଠୀ ପ୍ରମୁଖ ପରିଚାଳନା କରିଥିଲେ।

## ଜିଲା ପ୍ରଶାସନ ପକ୍ଷରୁ ଜନଶୁଣାଣି ଶିବିର

ଅସ୍ତରଙ୍ଗ,୨୬।୪(ଡି.ଏନ୍.ଏ.)

ପୁରୀ ଜିଲା ପ୍ରଶାସନ ପକ୍ଷରୁ ଅସ୍ତରଙ୍ଗ ବ୍ଲକରେ ଜିଲାପାଳଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତିଶଙ୍କର ମହାପାତ୍ର ଯୋଗଦେଇ ଥିବାବେଳେ ସମୁଦାୟ ୧୨୨ଟି ଅଭିଯୋଗର ଶୁଣାଣି କରିଥିଲେ। ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ଜିଲା ଅଭିଯୋଗ ପ୍ରକୋଷ୍ଠର ଅଧିକାରୀ ଡେପୁଟି କଲେକଟର ଇତିଶ୍ରୀ ନାୟକ, ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ନାଥଶର୍ମା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ ନାୟକ, ଜିଲା ଅତିରିକ୍ତ ସୁରକ୍ଷା ଅଧୀକ୍ଷକ ପି.କେ ବଡ଼ଜେନା, ଏସ୍‌ଡିପିଓ ଦେବାଶିଷ ମିଶ୍ରଙ୍କ ସହିତ ଅସ୍ତରଙ୍ଗ ବ୍ଲକ ଅତିରିକ୍ତ ବିଡିଓ ଯୋଗେନ୍ଦ୍ର ମହାକୁଡ଼, ତହସିଲଦାର ରାଜଲକ୍ଷ୍ମୀ ନାୟକ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ସଞ୍ଜୟ ପ୍ରଧାନ, ଅସ୍ତରଙ୍ଗ ଥାନାଧିକାରୀ ବାମଦେବ ନନ୍ଦଙ୍କ ସହିତ ବ୍ଲକ ବିଦ୍ୟୁତ୍ ବିଭାଗୀୟ କନିଷ୍ଠ ଯନ୍ତ୍ରୀ, କୃଷି ବିଭାଗୀୟ ଅଧିକାରୀ ଏବଂ ଯୋଗାଣ ବିଭାଗୀୟ ଅଧିକାରୀ ସହିତ ଅନ୍ୟ ପଦାଧିକାରୀଗଣ ଉପସ୍ଥିତ ଥିଲେ। ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଶୁଭେନ୍ଦୁ ନାଏକ, କିରାଣି ଲକ୍ଷ୍ମଣ ମିଶ୍ର, ଅତିରିକ୍ତ ବିଡିଓ ମହାକୁଡ଼ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ନଦୀରୁ ଯୁବତୀଙ୍କ ମୃତଦେହ ଜବତ

ଡେଲାଙ୍ଗ,୨୬।୪(ଡି.ଏନ୍.ଏ.): ଡେଲାଙ୍ଗ ଥାନା ପୋଲିସ ଦୟାନଦୀରେ ଜଣେ ଯୁବତୀଙ୍କ ଭାସୁଥିବା ମୃତଦେହ ଜବତ କରିଛି। ସେ ହେଲେ ପିପିଲି ଥାନା କଣ୍ଟି ପଞ୍ଚାୟତର ବାରିମୂଳ ଗ୍ରାମର ଗୁନିତା ଶ୍ରୀଚନ୍ଦନ(୩୨)। ଏନେଇ ପୋଲିସ ୪/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଘଟଣାନୁଯାୟୀ, ଡେଲାଙ୍ଗ ଥାନା ଅଧୀନ ତରଡା ଗ୍ରାମ ନିକଟସ୍ଥ ଦୟାନଦୀରେ ଗୁନିତାଙ୍କ ମୃତଦେହ ଭାସୁଥିବା ଖବର ପାଇ ଏଏସ୍‌ଆଇ ସୁଦାମ ନାୟକ ପହଞ୍ଚି ମୃତଦେହ ଜବତ କରିଥିଲେ। ଯୁବତୀ ଜଣଙ୍କ ପୂର୍ବରୁ ବାତରୋଗରେ ପୀଡିତ ଥିବାବେଳେ ଗତ ୨୪ ତାରିଖରେ ଶୌଚ ପାଇଁ ଯାଇଥିଲେ। ହେଲେ ସେ ଘରକୁ ନ ଫେରିବାରୁ ପରିବାର ଲୋକ ଥାନାରେ ନିଖୋଜ ଥିବା ଅଭିଯୋଗ କରିଥିଲେ। ତେବେ ମଙ୍ଗଳବାର ଡେଲାଙ୍ଗ ଅଞ୍ଚଳରୁ ଜବତ ମୃତଦେହକୁ ଯୁବତୀଙ୍କ ଭାଇ ଗଣେଶ ଶ୍ରୀଚନ୍ଦନ ଚିହ୍ନଟ କରିଥିଲେ।

### ବଟି ମାଗି ୬ ଗିରଫ

ପୁରୀ ଅଫିସ,୨୬।୪ - ସହରର ବିଭିନ୍ନ ସ୍ଥାନରେ ଦାଦାବଟି ମାଗିବା ଅଭିଯୋଗରେ ୬ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ବଳିଆପଣ୍ଡା ଅଞ୍ଚଳରେ ବଟି ମାଗିବା ଅଭିଯୋଗରେ ପୋଲିସ ୩ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବାସେଳିସାସହି ଥାନା ପାର୍ବତୀପୁରର ମୋହନ ଚନ୍ଦ୍ର ପଲାଇ, ବଳିଆପଣ୍ଡା ଥାନା ଅନ୍ତର୍ଗତ ବଳିଆପଣ୍ଡା ନାଳିପଡିଆର ସନ୍ତୋଷ ସିଂ ଏବଂ ଡେଲାଙ୍ଗ ଥାନା ଅରିଶାଳା ଗ୍ରାମର ଦୀପ୍ତିରଞ୍ଜନ ମହାନ୍ତି ସେମାନଙ୍କ ନିକଟରୁ ଗୋଟିଏ ଛୁରି, ୬୦୦୦ଟଙ୍କା, ୧ଟି ଖଣ୍ଡା ଏବଂ ଓଡି ୨ଆର୨୨୨୯ ନମ୍ବର ବିଶିଷ୍ଟ ଗୋଟିଏ କାର୍ ଜବତ କରିଛି। ଏ ନେଇ ପୋଲିସ ନଂ.୫୩/୨୨ରେ ମାମଲା ରୁଜୁ କରିଛି। ସେହିପରି ତାଳବଣିଆ ଅଞ୍ଚଳରେ ଦାଦାବଟି ମାଗିଆ ଅଭିଯୋଗରେ ପୋଲିସ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ବାସେଳିସାହି ଥାନା ଲୋକନାଥ ରୋଡ ହାତୀଶାଳର ସାଗର ଭୋଇ, ମାର୍କଣ୍ଡେଶ୍ୱରସାହିର କାଳିଆ ନାୟକ ଏବଂ ତାଳବଣିଆ ଥାନା ସିଦ୍ଧମହାବୀର ଅଞ୍ଚଳର ସୌମ୍ୟରଞ୍ଜନ ଶ୍ରୀଚନ୍ଦନ ପଟ୍ଟନାୟକ। ଏ ନେଇ ପୋଲିସ ନଂ. ୬୪/୨୨ ଓ ୬୫/୨୨ରେ ଦୁଇଟି ପୃଥକ ମାମଲା ରୁଜୁ କରିଛି। ସୂଚନାଯୋଗ୍ୟ ସାଗର ଓ କାଳିଆ ଆଶ୍ରମ ଛକ ନିକଟରେ ମାରଣାସ୍ତ୍ର ଦେଖାଇ ପର୍ଯ୍ୟଟକ ଓ ଦୋକାନୀଙ୍କଠାରୁ ବଟି ଆଦାୟ କରୁଥିବା ବେଳେ ପୋଲିସ ଖବରପାଇ ଗିରଫ କରିଥିଲା। ସେହିପରି ସୌମ୍ୟରଞ୍ଜନ ପିକେଆରଆଇଟି ଛକ ନିକଟରେ ଦୋକାନୀଠାରୁ ବଟି ଆଦାୟ କରୁଥିବା ବେଳେ ପୋଲିସ ଖବର ପାଇ ଗିରଫ କରିଥିଲା।

### କମେଣ୍ଟମରାକୁ ନେଇ ମେଳଣରେ ଗଣ୍ଡଗୋଳ, ୭ ଆହତ

ଡେଲାଙ୍ଗ,୨୬।୪(ଡି.ଏନ୍.ଏ.): ଡେଲାଙ୍ଗ ଥାନା ବ୍ରାହ୍ମଣ ତରବୋଇ ଗ୍ରାମର ଚିଙ୍ଗୁଡି ମେଳଣରେ ଝିଅଙ୍କୁ କମେଣ୍ଟମରାକୁ ନେଇ ସୋମବାର ରାତିରେ ଗଣ୍ଡଗୋଳ ହୋଇଛି। ଏଥିରେ ଜଣେ ଗୁରୁତର ହୋଇଥିବାବେଳେ ୬ ଜଣ ଆହତ ହୋଇଛନ୍ତି। ଏନେଇ ପୋଲିସ ୧୦୯/୨୨ ଏବଂ ୧୧୦/୨୨ରେ ୨ଟି ମାମଲା ରୁଜୁ କରିଛି। ଘଟଣାରୁ ପ୍ରକାଶ, ମେଳଣରେ ରାମଲୀଳା ଚାଲୁଥିବାବେଳେ ସେଠାରେ ଥିବା କିଛି ଯୁବକ ଝିଅଙ୍କୁ କମେଣ୍ଟ ମାରିଥିଲେ। ମେଳଣ କମିଟି ପକ୍ଷରୁ ଯୁବକମାନଙ୍କୁ ବାରଣ କରାଯିବାରୁ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ବ୍ରାହ୍ମଣ ତରବୋଇ ଗ୍ରାମର ଲୋକଙ୍କୁ ସେମାନେ ବାଉଁଶ ଓ କାଠ ଫାଳିଆରେ ଅତର୍କିତ ଆକ୍ରମଣ କରିଥିଲେ। ଏଥିରେ ୬ ଜଣ ଆହତ ହୋଇଥିବାବେଳେ କମିଟି ସଦସ୍ୟ ଶାନ୍ତନୁ ତ୍ରିପାଠୀ ଗୁରୁତର ହୋଇଛନ୍ତି। ଏନେଇ ମେଳଣ କମିଟି ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ସେହିପରି ମେଳଣରେ ଗଣ୍ଡଗୋଳ କରିବା ପରେ ଓଡତରବୋଇ ଗ୍ରାମକୁ ଆସି ବ୍ରାହ୍ମଣ ତରବୋଇ ଗ୍ରାମର ଲୋକେ ମାରଧର କରିଥିବା ଟୁନି ମାଝୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରିଛି।

## ଦିବ୍ୟାଙ୍ଗଙ୍କ ଦ୍ୱାରା ପରିଚାଳିତ 'ଚଟଣି' ଲୋକାର୍ପିତ

ପୁରୀ ଅଫିସ,୨୬।୪

**ଓଡ଼ିଶାର ପ୍ରଥମ କଲେକ୍ଟୋରେଟ କ୍ୟାଣ୍ଟିନ**

ଜିଲା ପ୍ରଶାସନ ଦ୍ୱାରା ଆରମ୍ଭ ହୋଇଥିବା ଖୁସି ଯୋଜନା ମାଧ୍ୟମରେ ମଙ୍ଗଳବାର ଲୋକାର୍ପିତ ହୋଇଛିରାଜ୍ୟର ପ୍ରଥମ ଦିବ୍ୟାଙ୍ଗ ପରିଚାଳିତ କଲେକ୍ଟରେଟ କ୍ୟାଣ୍ଟିନ 'ଚଟଣି'। ଦିବ୍ୟାଙ୍ଗଙ୍କୁ ଜୀବନ ଜୀବିକା ଯୋଗାଇଦେଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ଲକ୍ଷ୍ୟରେ ପୁରୀ କଲେକ୍ଟୋରେଟ୍ କ୍ୟାମ୍ପସ ମଧ୍ୟରେ ନୂତନ ଭାବେ ଆରମ୍ଭ ହୋଇଥିବା କ୍ୟାଣ୍ଟିନର ପରିଚାଳନାର ଦାୟିତ୍ୱ ପୁରୀର ବାବା ଏକାମ୍ରେଶ୍ୱର ଭିନ୍ନକ୍ଷମ ସ୍ୱୟଂ ସହାୟକ ଗୋଷ୍ଠୀକୁ ଦିଆଯାଇଛି। ଏଥିସହିତ ଖୁସି ଯୋଜନାର ଲୋଗୋ ମଧ୍ୟ ଉନ୍ମୋଚିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଜିଲାପାଳ ସମର୍ଥ ବର୍ମା ଯୋଗଦେଇ ପ୍ରଶାସନ ତରଫରୁ ଆରମ୍ଭ କରାଯାଇଥିବା ଖୁସି ଯୋଜନାରେ ଆଗାମୀ ସମୟରେ ସମାଜର ପ୍ରତ୍ୟେକ ବର୍ଗ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି କହିଥିଲେ। ଅନ୍ୟତମ ଅତିଥି ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ନବନିର୍ମିତ ପାର୍କିଂ ସ୍ଥାନକୁ ଉଦ୍‌ଘାଟନ କରିଥିଲେ ଏବଂ ଏହି ସମ୍ପୂର୍ଣ୍ଣ ନିରାମିଷ ଭୋଜନାଳୟ ସମସ୍ତଙ୍କ ପାଇଁ ଉପଯୋଗୀ ହେବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ନାଥଶର୍ମା, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତି ଶଙ୍କର ମହାପାତ୍ର, ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ କୈଳାସ ଚନ୍ଦ୍ର ନାୟକ, ପୁରୀ ପୌରସଂସ୍ଥା ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ଉପଜିଲାପାଳ ଭବତାରଣ ସାହୁ, ଜିଲା ଜରୁରିକାଳୀନ ଅଧିକାରୀ ଜିତେନ୍ଦ୍ର କୁମାର ପାତ୍ର, ଅଧିକାରୀ ପର୍ଶୁରାମ ମଲ୍ଲିକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ ନାୟକ, କ୍ରୀଡ଼ାଧିକାରୀ ଚନ୍ଦନ ସାହୁ, ପରାମର୍ଶଦାତା ସିଦ୍ଧାର୍ଥ ରାୟ ଏବଂ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ବର୍ତ୍ତମାନ ବାବା ଏକାମ୍ରେଶ୍ୱର ଭିନ୍ନକ୍ଷମ ସ୍ୱୟଂ ସହାୟକ ଗୋଷ୍ଠୀର ୮ଜଣ ସଦସ୍ୟ କାର୍ଯ୍ୟ କରୁଛନ୍ତି। ୮ଜଣଙ୍କ ମଧ୍ୟରେ ୬ ଜଣ ପୁରୁଷ ଓ ୨ଜଣ ମହିଳା ରହିଛନ୍ତି। ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି ପ୍ରଶାନ୍ତ କୁମାର ନାୟକ ଓ ସମ୍ପାଦକ ସଞ୍ଜୟ କୁମାର ମିଶ୍ର ଯୋଜନା ସମ୍ପର୍କରେ କହିଛନ୍ତି, ପ୍ରଶାସନ ପକ୍ଷରୁ ଯେଉଁ ଯୋଜନା ହାତକୁ ନିଆଯାଇଛି ତାହା ସ୍ୱାଗତଯୋଗ୍ୟ। ପ୍ରଶାସନର ଏପରି କାର୍ଯ୍ୟ ଦିବ୍ୟାଙ୍ଗମାନଙ୍କୁ ଆଗକୁ ବଢ଼ିବାରେ ସହାୟକ ହେବ।

## କୃଷି ଦ୍ୱାରା ସ୍ୱାସ୍ଥ୍ୟ ରକ୍ଷା ନେଇ ଆଲୋଚନା




କୃଷିମେଳା ଓ ପ୍ରଦର୍ଶନୀରେ ଯୋଗ ଦେଇଥିବା ଅତିଥିମାନେ ।

ସାକ୍ଷୀଗୋପାଳ,୨୬।୪(ଡି.ଏନ.ଏ.)

**କୃଷି ଦ୍ୱାରା ସ୍ୱାସ୍ଥ୍ୟ ସମସ୍ୟା ରକ୍ଷା ନେଇ ଆଲୋଚନା**

ସାକ୍ଷୀଗୋପାଳସ୍ଥିତ ପୁରୀ ଜିଲା କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଏକ କୃଷକମେଳା ଓ କୃଷି ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଓ ମୁଖ୍ୟ ଡ. ସଞ୍ଜୟ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିବା ସହିତ ବିନା କୀଟନାଶକ ଏବଂ ସାର ପ୍ରୟୋଗ କରି ପ୍ରାକୃତିକ କୃଷି କିପରି କରାଯାଇପାରିବ ଚାଷୀଙ୍କୁ ବୁଝାଇଥିଲେ। ବୈଠକରେ ପୁରୀ ଜିଲା ମୁଖ୍ୟ କୃଷି ଅଧିକାରୀ ରମେଶ ଚନ୍ଦ୍ର ରାୟ, ଜିଲା ଉଦ୍ୟାନ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଅଜୟ ପ୍ରଧାନ, ଜଳଛାୟା ପ୍ରକଳ୍ପ ଅଧିକାରୀ ଦାମୋଦର ପାଣିଗ୍ରାହୀ, ଆତ୍ମା ଅଧକ୍ଷ ରାମଚନ୍ଦ୍ର ମହାନ୍ତି, ମତ୍ସ୍ୟ ବିଭାଗ ସହକାରୀ ଅଧିକାରୀ ଦ୍ୱାରିକା ନାଥ ଦାସ ଏବଂ ଅନ୍ୟାନ୍ୟ ବିଭାଗର ଅଧିକାରୀ ଉପସ୍ଥିତ ରହି ପ୍ରାକୃତିକ କୃଷି ମାଧ୍ୟମରେ ସ୍ୱାସ୍ଥ୍ୟଗତ ସମସ୍ୟାରୁ ରକ୍ଷା ପାଇବାର ଅନେକ ପନ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ଆଲୋଚନାଚକ୍ରରେ ୩୦୦ରୁ ଊର୍ଦ୍ଧ୍ୱ ଚାଷୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ମତ୍ସ୍ୟ ବିଭାଗ ବୈଜ୍ଞାନିକ ଡ.ଅମ୍ବିକା ପ୍ରସାଦ ନାୟକ, ଗୃହ ବିଜ୍ଞାନର ଦୀପଶିଖା ପରମଜିତା, ସମ୍ପ୍ରସାରଣର ସୋନିତା ରାଣୀ ସେଠୀ ପ୍ରମୁଖ ଯୋଗଦେଇ ପ୍ରାକୃତିକ ଉପାୟରେ ଏବଂ ଜୈବିକ ପଦ୍ଧତିରେ କୃଷିକାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇଥିଲେ। କୃଷିବିଜ୍ଞାନ କେନ୍ଦ୍ରର ବିଭୁପ୍ରସାଦ ଦାଶ, ପୁଷ୍ପାଞ୍ଜଳି ମିଶ୍ର, ନୀଭା ମହାପାତ୍ର ସହଯୋଗ କରିଥିଲେ।

## ୩୦ରୁ ବିଶ୍ୱଶାନ୍ତି ମହାଯଜ୍ଞ

ପିପିଲି,୨୬।୪(ସ୍ୱ.ପ୍ର.)

ପିପିଲି ବ୍ଲକ ଦୟାନଦୀ ପାର୍ଶ୍ୱସ୍ଥ ଗୋବର୍ଦ୍ଧନପୁର ଗ୍ରାମ ଗତିଶ୍ୱରଦେବ ମନ୍ଦିର ପରିସରରେ ଅବସ୍ଥାପିତ ୧୪ଫୁଟ ଉଚ୍ଚ ବିଗ୍ରହ ଗ୍ରହରାଜ ଶନିଙ୍କ ୪ର୍ଥ ବାର୍ଷିକ ମହୋତ୍ସବ ଏପ୍ରିଲ ୩୦ଠାରୁ ଆରମ୍ଭ ହୋଇ ମେ ୩ ପର୍ଯ୍ୟନ୍ତ ଚାଲିବ। ଗ୍ରହରାଜ ଶନିଙ୍କର ଚଳିତ ପିକା ନୂଆ ବର୍ଷ ଅନୁଯାୟୀ ତିନିଥର ଶନିଗ୍ରହ ଚଳନ ଯୋଗ ଘଟୁଛି। ତେଣୁ ବିଶ୍ୱକୁ ବିପଦରୁ ରକ୍ଷା କରିବା ପାଇଁ ଭାରତର ବୃହତ ଶନି ପୀଠରେ ତ୍ରିଦିବସୀୟ ଗ୍ରହରାଜ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ କରାଯାଉଛି। ଏନେଇ ଗତିଶ୍ୱରଦେବ ଉନ୍ନୟନ ପରିଷଦ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଥିବା ଅନୁଷ୍ଠାନର ମୁଖ୍ୟ ପୂର୍ଣ୍ଣଚନ୍ଦ୍ର ସାହୁ କହିଛନ୍ତି।

## ଅପହୃତାଙ୍କୁ ଉଦ୍ଧାର ଦାବିରେ ଏସ୍‌ପିଙ୍କ ଦ୍ୱାରସ୍ଥ

ପୁରୀ ଅଫିସ,୨୬।୪

ସତ୍ୟବାଦୀ ଅଞ୍ଚଳର ଜଣେ ନାବାଳିକା ଅପହରଣ ହେବାର ୧୧ମାସ ବିତିଯାଇ ଥିଲେ ମଧ୍ୟ କୌଣସି ଖୋଜଖବର ନ ମିଳିବା ଏବଂ ଯଥାଶୀଘ୍ର ଉଦ୍ଧାର କରିବା ଦାବିରେ ସତ୍ୟବାଦୀର ଗୋପାଳପୁରପାଟଣାର ଅପହୃତା ନାବାଳିକାଙ୍କ ପରିବାର ଲୋକ ଓ ଗ୍ରାମବାସୀ ମଙ୍ଗଳବାର ପୁରୀ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗକରୀ ଗ୍ରାମବାସୀ ଏବଂ ନାବାଳିକାଙ୍କ ମା ନିରୁପମା ସାହୁଙ୍କ ଅଭିଯୋଗ ଅନୁଯାୟୀ, ୨୦୨୧ ମେ ୧୪ରେ ଝିଅକୁ ବସ୍ତପଡା ଗ୍ରାମର ଜଣେ ବ୍ୟକ୍ତି ଘରଠାରୁ ଜବରଦସ୍ତ ଉଠାଇନେଇ କେଉଁଆଡେ ପଳାଇଥିଲା। ଖୋଜାଖୋଜି ପରେ ନ ମିଳିବାରୁ ନାବାଳିକାଙ୍କ ପରିବାର ଲୋକ ସତ୍ୟବାଦୀ ଥାନାରେ ଅଭିଯୋଗ କରିଥିଲେ। ତତ୍କାଳୀନ ଥାନା ଅଧିକାରୀ ଦେବୀ ପ୍ରସାଦ ପାତ୍ର ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଧାରା ୩୬୩ ଓ ୩୪ ଦଫାରେ ମାମଲା ରୁଜୁକରି ଚୁପହୋଇ ବସିରହିଲେ। ୧୧ ମାସ ଥାନାକୁ ଦୌଡାଇଥିଲେ ମଧ୍ୟ ଆସାମୀକୁ ଧରିପାରିଲେ ନାହିଁ କି ଝିଅକୁ ଉଦ୍ଧାର କରିପାରିଲେନି। ଏପରିକି ଇତି ମଧ୍ୟରେ ସତ୍ୟବାଦୀ ଥାନାଧିକାରୀ ବଦଳି ହୋଇଥିବାବେଳେ ବର୍ତ୍ତମାନର ଥାନା ଅଧିକାରୀ ଓ ପିପିଲି ଏସ୍‌ଡିପିଓଙ୍କୁ ମଧ୍ୟ ପରିବାର ଲୋକ ବାରମ୍ବାର ଅଭିଯୋଗ ପରେ ମଧ୍ୟ କେହି ଶୁଣୁ ନାହାନ୍ତି। ତେଣୁ ଘଟଣାକୁ ଗୁରୁତ୍ୱର ସହ ନେଇ ଝିଅକୁ ଅଭିଯୁକ୍ତ ନିକଟରୁ ଉଦ୍ଧାର କରିବା ସହ ଅଭିଯୁକ୍ତ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଗ୍ରାମବାସୀ ଓ ନାବାଳିକାଙ୍କ ପରିବାର ଲୋକ ଦାବି କରୁଛନ୍ତି। ଯଦି ୭ ଦିନ ମଧ୍ୟରେ ଝିଅ ଉଦ୍ଧାର ନ ହୁଏ ଏବଂ ଅଭିଯୁକ୍ତ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରାଯାଏ ଏସ୍‌ପି କାର୍ଯ୍ୟାଳୟ ସମ୍ମୁଖରେ ଅନଶନ କରାଯିବ ବୋଲିଅଭିଯୋଗକାରିଣୀ ନାବାଳିକାଙ୍କ ମା ସୂଚନା ଦେଇଛନ୍ତି।

## ଏସ୍‌ପିଙ୍କୁ ଭେଟିଲେ ଭାଜପା ମହିଳା ନେତ୍ରୀ



ଗୋପ,୨୬।୪(ଡି.ଏନ୍.ଏ.)

**ଟେଣ୍ଟ ମାଲିକଙ୍କୁ ହତ୍ୟା ଘଟଣା**

ଗୋପ ଥାନା ଅନ୍ତର୍ଗତ ବାଲିକନ୍ଦଳ ଗ୍ରାମରେ ଡିଜେ ଗାଡ଼ି ଲାଗି ଟେଣ୍ଟ କପଡ଼ା ଚିରିଯିବାରୁ ବଚସା ହୋଇ ଡିଜେ ମାଲିକ ଟେଣ୍ଟ ମାଲିକଙ୍କୁ ହତ୍ୟା କରିଥିଲେ। ଏହି ଗୁରୁତ୍ୱପୂର୍ଣ୍ଣ ହତ୍ୟା ଘଟଣାକୁ ୪ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ହତ୍ୟାକାରୀଙ୍କୁ ଧରିପାରି ନାହିଁ। ଗୋପ ପୋଲିସ ଉପରେ ଆସ୍ଥା ହରାଇବା ପରେ ମୃତକଙ୍କ ପରିବାର ଲୋକଙ୍କ ନିବେଦନକ୍ରମେ ଭାଜପାର ରାଜ୍ୟ ମହିଳା ନେତ୍ରୀ ପ୍ରଭାତୀ ପରିଡ଼ା ମଙ୍ଗଳବାର ପୁରୀ ଜିଲା ଏସ୍‌ପି କନୱର ବିଶାଲ ସିଂଙ୍କୁ ଭେଟିବା ସହ ତୁରନ୍ତ ହତ୍ୟା କରିଥିବା ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ଦାବି କରିଛନ୍ତି। ଏସ୍‌ପି ମଧ୍ୟ ଖୁବଶୀଘ୍ର ଫେରାର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ପ୍ରକାଶ ଯେ ଗତ ୨୨ ତାରିଖ ରାତିରେ ନିମାପଡ଼ା ଅଞ୍ଚଳର ଏକ ବର ଶୋଭାଯାତ୍ରା ଡିଜେ ଗାଡ଼ି ନେଇ ଗୋପ ଅଞ୍ଚଳକୁ ଆସୁଥିଲା। କିନ୍ତୁ ବାଲିକନ୍ଦଳ ଗ୍ରାମ ନିକଟରେ ଡିଜେ ଗାଡ଼ି ଅନ୍ୟ ଏକ ଭୋଜିରେ ଲାଗିଥିବା ଟେଣ୍ଟକୁ ଲାଗି କପଡ଼ା ଚିରି ଯାଇଥିଲା। ଏହାକୁ ନେଇ ଟେଣ୍ଟ ମାଲିକ ଏରବଙ୍ଗ ଗ୍ରାମର ପପୁ ପ୍ରଧାନଙ୍କ ପାଟି କରିବାରୁ ଡିଜେ ମାଲିକ ଓ ତାଙ୍କ କର୍ମଚାରୀମାନେ ମିଶି ପପୁଙ୍କୁ ବିଭିନ୍ନ ମାରଣାସ୍ତ୍ରରେ ହତ୍ୟା କରି ଫେରାର ହୋଇଯାଇଥିଲେ।

## ଲକ୍ଷେ ତାଳଗଛ ଲଗାଇବ ଭାରତ ବିକାଶ ପରିଷଦ

ପୁରୀ ଅଫିସ,୨୬।୪

ତାଳବଣିଆର ଶ୍ରୀବୃଦ୍ଧି ପାଇଁ ଭାରତ ବିକାଶ ପରିଷଦ ଶ୍ରୀଜଗନ୍ନାଥ ଧାମ ଶାଖା ଅଣ୍ଟା ଭିଡିଛି। ବିଭିନ୍ନ ଅଞ୍ଚଳରେ ପରିଷଦ ପକ୍ଷରୁ ପ୍ରାୟ ଲକ୍ଷେ ତାଳଗଛ ଲଗାଯିବ ବୋଲି ମଙ୍ଗଳବାର ତାଳବଣିଆରେ ତାଳଗଛର ସୁରକ୍ଷାକୁ ନେଇ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନିଆଯାଇଛି। ତାଳବଣିଆ ଶ୍ରୀଜଗନ୍ନାଥ ସଂସ୍କୃତି ଓ ପରମ୍ପରାର ଏକ ଅବିଚ୍ଛେଦ୍ୟ ଅଙ୍ଗ। ମହାପ୍ରଭୁଙ୍କ ଦାରୁ ବିଶ୍ରାମ ଘର କୁହନ୍ତୁ କି ମହାପ୍ରଭୁଙ୍କ ଚାରମାଳ ସବୁର ପ୍ରାଥମିକତା ଏହି ତାଳ ଗଛ। ଏବେ ତାଳପତ୍ର ଅଭାବରୁ ଭକ୍ତମାନେ ପଲିଥିନରେ ମହାପ୍ରସାଦ ନେଉଛନ୍ତି। ପ୍ରାୟତଃ ତାଳଗଛ ଲୋପ ପାଇଯିବା ଫଳରେ ଏହି ଗଛରେ ବସବାସ କରୁଥିବା ବାଇ ଚଢେଇ, ଚିଲ, ଶାଗୁଣା ଆଦିଙ୍କ ଅନୁପସ୍ଥିତି ପରିବେଶ ସୁରକ୍ଷାରେ ଏକ ଅନ୍ତରାୟ ସୃଷ୍ଟି ହେଉଛି। ବେଳାଭୂମି ସୁରକ୍ଷା ପାଇଁ ତାଳଗଛର ଉପଯୋଗିତା ଅଛି।

ପୁରୀ ସହରରେ ତାଳପତ୍ର ଉପରେ ନିର୍ଭର କରି ୪୦ ଘରର ପ୍ରାୟ ୭୫ ପରିବାରଙ୍କ ଜୀବନ ଜୀବିକା ପ୍ରାୟତଃ ବିପନ୍ନ ହୋଇପଡ଼ିଛି। ଫନୀ ବାତ୍ୟା ଓ କରୋନା ଦ୍ୱାରା ଏହି ୭୫ ପରିବାରଙ୍କ ଜୀବନ ଦୁର୍ବିଷହ ହୋଇପଡ଼ିଛି ବୋଲି ପରିଷଦ ପକ୍ଷରୁ ସୂଚନା ଦିଆଯାଇଥିଲା। ଏଭଳି ଏକ ସମ୍ବେଦନଶୀଳ ଅଭିଯାନକୁ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ମିଶ୍ର ଓ ଆବାହକ ସନ୍ତୋଷ ମହାନ୍ତି ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ସୁବାସଚନ୍ଦ୍ର ନାଥ ଶର୍ମା ଓ ପୌର ପ୍ରଶାସନର କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ ସ୍ୱାଇଁ ଯୋଗଦେଇ ପରିଷଦ ଦ୍ୱାରା ଏକ ଲକ୍ଷ ତାଳ ଗଛ ଲଗାଇବା ଅଭିଯାନକୁ ସଫଳ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପରିଷଦ ପୂର୍ବକ୍ଷେତ୍ର ମହାସଚିବ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ ଯୋଗଦେଇ ଆମ ଇତିହାସର ତାଳପତ୍ର ପୋଥିଠାରୁ ଜନ୍ମ ଜାତକ ପର୍ଯ୍ୟନ୍ତ ତାଳପତ୍ରର ବ୍ୟବହାର ସମ୍ପର୍କରେ କହିଥିଲେ। ପରିଷଦର ଏକ ପ୍ରତିନିଧି ଦଳ ଜିଲାପାଳ ଓ ବନଖଣ୍ଡ ଅଧିକାରୀଙ୍କ ସହିତ ସାକ୍ଷାତ କରି ଐତିହାସିକ ତାଳବଣିଆର ଶ୍ରୀବୃଦ୍ଧି ସମ୍ପର୍କରେ ଆଲୋଚନା କରିଛନ୍ତି।



ତାଳବଣିଆ ଜଙ୍ଗଲର ସୁରକ୍ଷା ଓ ତାଳପତ୍ର ସୁରକ୍ଷା ସମ୍ପର୍କିତ କର୍ମଶାଳାରେ ଉପସ୍ଥିତ ଅତିଥି ।

**ସ୍ମୃତି ଖୋଜୁଛି ତାଳବଣିଆ**

ଜିଲାପାଳ ସମର୍ଥ ବର୍ମା ଏହାକୁ ଅଗ୍ରାଧିକାର ଭିତ୍ତିରେ ସମ୍ପୂର୍ଣ୍ଣ କରିବା ପାଇଁ ସମସ୍ତ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିବା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ତାଳପତ୍ରକୁ ନେଇ ଜୀବିକା ନିର୍ବାହ କରୁଥିବା ବ୍ୟକ୍ତି ବିଶେଷମାନେ ସେମାନଙ୍କ ସୁବିଧା ଅସୁବିଧା ସମ୍ପର୍କରେ ଆଲୋଚନା କରିବା ସହ ତାଳପତ୍ର ମାଧ୍ୟମରେ ବିଭିନ୍ନ ବ୍ୟବହାର୍ଯ୍ୟ ବସ୍ତୁ ସେଠାରେ ତିଆରି କରି ତାଳଗଛର ଆବଶ୍ୟକ ସମ୍ପର୍କରେ ସଚେତନତା ସୃଷ୍ଟି କରାଇଥିଲେ। ପରିଷଦ ତରଫରୁ ସଚିବ ସୌମେନ୍ଦ୍ର ଦାସ, ଶରତ ଜୟସିଂହ, ଲାଲା ଅନନ୍ତ କୁମାର ସିଂ, ଟି ବାନାମ୍ବର ପାତ୍ର, ପଦ୍ମନାଭ ପଣ୍ଡା, ସୁପ୍ରୀତି ରଥ, ମୀରା ମହାରଣା, ମୋନାଲିସା ପଟ୍ଟନାୟକ, ରାମଚନ୍ଦ୍ର ଦଳାଇ, ଜଗଦୀଶ ଆଚାର୍ଯ୍ୟ, ପୀତାମ୍ବର ମହାପାତ୍ର, ବୁଦ୍ଧଦେବ ମହାପାତ୍ର ଏବଂ ଦେବେନ୍ଦ୍ର ରଥ ଆଦି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବ୍ଲକସ୍ତରୀୟ ନିଯୁକ୍ତି ମେଳା, ୨୧୬ ଜଣ ପଞ୍ଜୀକୃତ

ତିଗିରିଆ,(ଡି.ଏନ୍.ଏ.): ଓରମାସ୍ କଟକ ଜିଲା ପକ୍ଷରୁ ତିଗିରିଆ ବ୍ଲକ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଦିନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନାରେ ଏକ ବ୍ଲକସ୍ତରୀୟ ନିଯୁକ୍ତି ଓ ପରାମର୍ଶ ମେଳା ଅନୁଷ୍ଠିତ ହୋଇଯାଇଛି। ମେଳାରେ ବ୍ଲକର ୨୧୬ଜଣ ଯୁବତୀ ଯୁବକ ବିଭିନ୍ନ ସଂସ୍ଥାରେ କର୍ମ ନିଯୁକ୍ତି ପାଇଁ ନାମ ପଞ୍ଜୀକରଣ କରିଥିଲେ। ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷା ସନ୍ଧ୍ୟାରାଣୀ ନାୟକ, ସମ୍ମାନିତ ଅତିଥି ଭାବେ ବିଡିଓ ପ୍ରବୀଣ ବେହେରା, ବ୍ଲକ ଉପାଧ୍ୟକ୍ଷ ମାନସ ସାହୁ, ଜିଲା ପରିଷଦ ସଭ୍ୟା ସସ୍ମିତା ରାଉତ, ସଭ୍ୟ ସଞ୍ଜୟ ମଲ୍ଲିକ, ଉପାଧକ୍ଷ ଗୌରହରି ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। ମେଳାରେ ୮ଟି କମ୍ପାନୀ କର୍ମଚାରୀ ଯୋଗଦେଇ ନିଯୁକ୍ତି ସମ୍ପର୍କରେ ଆଲୋଚନା କରିଥିଲେ।

## ସଂକ୍ଷେପରେ

### ଭାରସାମ୍ୟ ହରାଇ ମାଛଗାଡ଼ି ଓଲଟିଲା

**ଫୁଲନଖରା,୨୬।୪(ଡି.ଏନ୍.ଏ.):** କଟକ-ଭୁବନେଶ୍ୱର ଜାତୀୟ ରାଜପଥର ପାହାଲ ନିକଟରେ ମଙ୍ଗଳବାର ଅପରାହ୍ନରେ ଏକ ମାଛ ବୋଝେଇ ଟ୍ରକ ଓଲଟି ପଡିଛି। ଟ୍ରକ୍‌ଟି ଆନ୍ଧ୍ରପ୍ରଦେଶରୁ ମାଛ ଆଣି କଲିକତା ଅଭିମୁଖେ ଯାଉଥିଲା। ହେଲେ ପଛ ଚକା ହଠାତ୍ ଫାଟି ଯିବାରୁ ଭାରସାମ୍ୟ ହରାଇ ଟ୍ରକ୍ ଓଲଟି ପଡିଥିଲା। ଫଳରେ ଗାଡ଼ିରେ ଥିବା ମାଛ ରାସ୍ତାରେ ବିଛାଡି ହୋଇ ପଡିବାରୁ କିଛି ସମୟ ପାଇଁ ଯାତାୟାତରେ ସମସ୍ୟା ହୋଇଥିଲା। ଟ୍ରାଫିକ ଥାନା ପୋଲିସ ପହଞ୍ଚି କ୍ରେନ୍ ସହାୟତାରେ ଓଲଟିଥିବା ଗାଡ଼ି ଓ ମାଛପେଟି ରାସ୍ତାରୁ ହଟାଇବା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।

### ଶୈଳବାଳା ମହିଳା କଲେଜରେ ଜାତୀୟ ସ୍ତରୀୟ ଆଲୋଚନାଚକ୍ର

**କଟକ ଅଫିସ,୨୬।୪:** ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ସଂସ୍କୃତ ସ୍ନାତକୋତ୍ତର ବିଭାଗର ଜାତୀୟ ସ୍ତରୀୟ ଆଲୋଚନାଚକ୍ର ମଧୁସୂଦନ ପ୍ରେକ୍ଷାଳୟରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ପ୍ରଫେସର ସୁରେଖା ସୁନ୍ଦରୀ ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ଡ. ହରେକୃଷ୍ଣ ଶତପଥୀ ଯୋଗଦେଇ ଶ୍ରୀଜଗନ୍ନାଥ ସଂସ୍କୃତି ମହତ୍ତ୍ୱ ବିଷୟରେ ଆଲୋଚନା କରିଥିଲେ। ଏଥିରେ ବିଭାଗୀୟ ମୁଖ୍ୟ ଡ. ମେନକା ରାଣୀ ସାହୁ, ଡ. ଦୀପ୍ତି ପଣ୍ଡା ପ୍ରମୁଖ ଉପସ୍ଥିତଥିଲେ।

### ୪ ବାଇକ ଜବତ, ୨ ଗିରଫ

**ଫୁଲନଖରା,୨୬।୪(ଡି.ଏନ୍.ଏ.):** ବାଇକ୍ ଚୋରି ଅଭିଯୋଗରେ କଟକ ସଦର ପୋଲିସ ୨ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ସୁଭଦ୍ରାପୁର ଗ୍ରାମର ଅବିନାଶ ସାମଲ ଓ ବଡମ୍ବା ଥାନା ଅନ୍ତର୍ଗତ ଖରଦ ଗ୍ରାମର ଭୀମ ନାୟକ। ସେମାନଙ୍କଠାରୁ ୪ଟି ବାଇକ୍ ଜବତ କରାଯାଇଛି। ନନ୍ଦନକାନନ ଥାନା ଅଧୀନ ଗଣ୍ଡରପୁର ଗ୍ରାମର ଶୁକଦେବ ପଡ଼ିଆରୀଙ୍କ ପୁତୁରା ଗତ ୨୨ ତାରିଖରେ ପ୍ରତାପନଗରୀରେ ଧାକୁଲେଇଙ୍କ ଯାତ୍ରା ଦେଖିବାକୁ ବାଇକ୍‌ରେ ଆସିଥିଲେ। ସେ ବାଇକ୍‌କୁ ପାର୍କିଂ କରି ଯାତ୍ରା ଦେଖିଥିଲେ। ସେଠାରୁ ଫେରିବା ପରେ ବାଇକ୍ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଏ ନେଇ ଶୁକଦେବ ସଦର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୮୧/୨୨) ରୁଜୁ କରିଥିଲା।

### ବାଲି ବୋଝେଇ ଗାଡ଼ି ଜବତ, ୬୫ ହଜାର ଜରିମାନା

**ନିଶ୍ଚିନ୍ତକୋଇଲି,୨୬।୪(ସ୍ୱ.ପ୍ର):** କଟକ ଜିଲା ନିଶ୍ଚିନ୍ତକୋଇଲି ତହସିଲରୁ କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳକୁ ବେଆଇନ ବାଲି ଚାଲାଣ ହେଉଥିବା ଖବର ପାଇ ଜିଲା ପ୍ରଶାସନ ସୋମବାର ରାତିଅଧରେ ଚଢାଉ କରି ୫ଟି ବାଲି ବୋଝେଇ ଗାଡି ଜବତ କରିଛି। ସେଥି ମଧ୍ୟରୁ ୩ଟି ଗାଡିକୁ ଛାଡି ଦେଇଥିବାବେଳେ ୨ଟି ଗାଡିରୁ ୬୫ ହଜାର ଜରିମାନା ଆଦାୟ ହୋଇଛି। ଗୋଟେ ଗାଡିରୁ ୫୦ ହଜାର ଏବଂ ଅନ୍ୟ ଏକ ଗାଡିରୁ ୧୫ ହଜାର ଜରିମାନା ଆଦାୟ ହୋଇଛି। ତେବେ ଛଡା ଯାଇଥିବା ଗାଡି ସମ୍ପର୍କରେ ଅତିରିକ୍ତ ତହସିଲଦାର କ୍ରୀଷ୍ଣା ପାଢୀ କୌଣସି ଉତ୍ତର ଦେଇନାହାନ୍ତି। ଏଥିପ୍ରତି ତୁରନ୍ତ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ହାତଗୋଡ଼ ବନ୍ଧା ଅବସ୍ଥାରେ ଅପହୃତ ନାବାଳିକା ଉଦ୍ଧାର

**ସାଲେପୁର,୨୬।୪(ଡି.ଏନ୍.ଏ.):** ସାଲେପୁର ଥାନା ଅଞ୍ଚଳର ଅପହରଣ କରାଯାଇଥିବା ଜଣେ ନାବାଳିକାଙ୍କୁ ହାତ ଓ ଗୋଡ଼ ବନ୍ଧା ଯାଇଥିବା ଅବସ୍ଥାରେ ଛାଡି ଦିଆଯାଇଥିବା ଅଭିଯୋଗ ହୋଇଛି। ସମ୍ପୃକ୍ତା ନାବାଳିକାଙ୍କୁ ଜଗତ୍‌ପୁର ଥାନା ଅନ୍ତର୍ଗତ ମହାଜନପୁର ଗ୍ରାମର ମିଳନ ଗତ ୨୨ ତାରିଖ ରାତିରେ ଅପହରଣ କରି ନେଇଥିଲେ। ୨୩ ତାରିଖ ସକାଳୁ ନାବାଳିକାଙ୍କ ଘରଠାରୁ ଅଳ୍ପ ଦୂରରେ ଥିବା ଏକ ଆମ୍ବତୋଟା ମଧ୍ୟରୁ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିଥିଲେ। ଏନେଇ ନାବାଳିକାଙ୍କ ମା' ସୋମବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଝିଅକୁ ମାଡ଼ ଦିଆଯିବା ସହ ଅସଦାଚରଣ କରାଯାଇଥିବା ନେଇ ସେଥିରେ ଉଲ୍ଲେଖ କରିଛନ୍ତି। ସାଲେପୁର ପୋଲିସ ଏହାକୁ ଗ୍ରହଣ କରି ମାମଲା (ନଂ. ୧୨୯/୨୨) ରୁଜୁ କରିଛି। ମଙ୍ଗଳବାର ନାବାଳିକାଙ୍କ ଡାକ୍ତରୀମାଇନା କରାଯାଇଛି। ଏହାପରେ ଅଭିଯୁକ୍ତ ଯୁବକ ଫେରାର ହୋଇଯାଇଛନ୍ତି। ଏନେଇ ତଦନ୍ତ ଜାରି ରହିଛି ବୋଲି ଆଇଆଇସି ସୁପସନ୍ନ ମଲ୍ଲିକ ପ୍ରକାଶ କରିଛନ୍ତି।

# 'ଓଡ଼ିଆ ବାଣୀଭଣ୍ଡାରକୁ ସମୃଦ୍ଧ କରିଛନ୍ତି ପୀତାମ୍ବର'

**କଟକ ଅଫିସ, ୨୬।୪**

ପ୍ରକାଶନ ମାଧ୍ୟମରେ ଓଡ଼ିଆ ବାଣୀଭଣ୍ଡାରକୁ ସମୃଦ୍ଧ କରିବାରେ ପୀତାମ୍ବର ମିଶ୍ରଙ୍କର ଅବଦାନ ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟୀ। ଓଡ଼ିଶାରେ ଯୋଗ୍ୟ ସାରସ୍ୱତ ସାଧକମାନଙ୍କୁ ଚିହ୍ନଟକରି ସେମାନଙ୍କ କୃତିକୁ ଲୋକଲୋଚନକୁ ଆଣିବାରେ ପୀତାମ୍ବର ସଦାସର୍ବଦା ଚେଷ୍ଟିତ ଥିଲେ। ଏଥିସହ ସେ ବିଜ୍ଞାନ, ଇତିହାସ ଓ ସୃଜନଶୀଳ ରଚନାମାନ ପ୍ରକାଶ କରି ପ୍ରକାଶନ କ୍ଷେତ୍ରରେ ଉଦାହରଣ ସୃଷ୍ଟି କରିଛନ୍ତି ବୋଲି କଥାକାର ଡ. ରାମଚନ୍ଦ୍ର ବେହେରା କହିଛନ୍ତି। ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ କଟକ ଶ୍ରୀରାମଚନ୍ଦ୍ର ଭବନରେ ବିଶିଷ୍ଟ ପ୍ରକାଶକ ପୀତାମ୍ବର ମିଶ୍ରଙ୍କ ତୈଳଚିତ୍ର ମଙ୍ଗଳବାର ଉନ୍ମୋଚିତ ହୋଇଯାଇଛି। ଏହି ଉତ୍ସବରେ କଥାକାର



ପ୍ରକାଶକ ପୀତାମ୍ବର ମିଶ୍ରଙ୍କ ତୈଳଚିତ୍ର ଉନ୍ମୋଚନ ଉତ୍ସବରେ ଉପସ୍ଥିତ ଅତିଥିମାନେ।

ଡ. ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ତୈଳଚିତ୍ରକୁ ଉନ୍ମୋଚନ କରିଥିଲେ। ଉତ୍କଳ ସାହିତ୍ୟ ସମାଜର ସଭାପତି ତରୁଣ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ହରେକୃଷ୍ଣ ଶତପଥୀ ଯୋଗଦେଇ କହିଥିଲେ, ମିଶ୍ର ଥିଲେ ଜଣେ ଋଷିପ୍ରତିମ ବ୍ୟକ୍ତିତ୍ୱ। ଓଡ଼ିଆ, ସଂସ୍କୃତ ଓ ଇଂଲିଶ ଭାଷାରେ ତାଙ୍କର ଜ୍ଞାନ ଥିବାରୁ ବିଭିନ୍ନ ସାରସ୍ୱତ କୃତିର ଅନୁବାଦ କରିବା ସହ ନିର୍ଭୁଲ ପ୍ରକାଶନ କ୍ଷେତ୍ରରେ ତାଙ୍କର ଯଥେଷ୍ଟ ଖ୍ୟାତି ରହିଛି ବୋଲି ଶତପଥୀ କହିଥିଲେ। ସେହିପରି ମୁଖ୍ୟବକ୍ତା ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ପ୍ରଫେସର ବିଜୟାନନ୍ଦ ସିଂହ ଯୋଗଦେଇ କହିଥିଲେ, ଓଡ଼ିଆ ଭାଷା-ସାହିତ୍ୟକୁ ପୀତାମ୍ବରଙ୍କ ଅବଦାନ ଅବିସ୍ମରଣୀୟ। ପୀତାମ୍ବରଙ୍କ କନ୍ୟା ସୁନନ୍ଦା ମିଶ୍ର ଉତ୍ସବରେ ଉପସ୍ଥିତ ରହି ପିତାଙ୍କ କର୍ମମୟ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଉତ୍ସବରେ ଅନୁଷ୍ଠାନର ଉପସଭାପତି ସଞ୍ଜିତ୍ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ, ସମ୍ପାଦକ ତଥା ପ୍ରାଧ୍ୟାପକ ଆଦିତ୍ୟ ପ୍ରତାପ ଧଳ ପ୍ରାରମ୍ଭିକ ସୂଚନା, ଅନୁଷ୍ଠାନର କାର୍ଯ୍ୟନିର୍ବାହିକା ସମିତି ସଦସ୍ୟ ଡ. ସୁନାମଣି ରାଉତ ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ ଓ ଡା. ସୁଦର୍ଶନ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ୨୮ରେ ଆଠଗଡ଼ ବନ୍ଦ

**ଆଠଗଡ,୨୬।୪(ସ୍ୱ.ପ୍ର.)**

### ୭୧ ଗାଁ ସିଡିଏରେ ମିଶିବାକୁ ବିରୋଧ

ଆଠଗଡ଼ର ୭୧ଟି ଗାଁକୁ କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ)ରେ ମିଶାଇବାକୁ କ୍ୟାବିନେଟ୍ ନିଷ୍ପତ୍ତି ହୋଇଛି। ଏନେଇ ମାର୍ଚ୍ଚ ୩୧ରେ ବିଜ୍ଞପ୍ତି ପ୍ରକାଶ ପାଇଛି। କିନ୍ତୁ ସ୍ଥାନୀୟ ଲୋକଙ୍କୁ ଏସମ୍ପର୍କରେ ଅବଗତ କରାଯାଇ ନ ଥିଲା। ଏହା ଜଣାପଡ଼ିବା ପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏନେଇ ବିଭିନ୍ନ ଫୋରମରେ ଅଭିଯୋଗ ହେବା ପରେ ମଙ୍ଗଳବାର ସ୍ଥାନୀୟ ମହାବୀର ପ୍ଲାଜାଠାରେ ଆଠଗଡ ସୁରକ୍ଷା ମଞ୍ଚ ପକ୍ଷରୁ ବିରୋଧ କରାଯାଇଛି। ମଞ୍ଚ ସଭାପତି ତଥା ବରିଷ୍ଠ ଆଇନଜୀବୀ ଫଣି ଭୂଷଣ ରଥଙ୍କ ଅଧ୍ୟକ୍ଷତାରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଛି। ଏଥିରେ ରଥ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀଙ୍କ ଉପରେ ବର୍ଷିଛନ୍ତି। ଆସନ୍ତା ୩୦ ତାରିଖକୁ ଆପତ୍ତି ଅଭିଯୋଗର ସମୟସୀମା ସରକାର ଧାର୍ଯ୍ୟ କରିଛନ୍ତି। ଏତେ କମ୍ ସମୟ ମଧ୍ୟରେ କିପରି ଅଭିଯୋଗ କରାଯିବ ବୋଲି ରଥ ପ୍ରଶ୍ନ କରିଛନ୍ତି। ଜାଣିଶୁଣି ଲୋକଙ୍କୁ ଅନ୍ଧାର ଭିତରେ ରଖାଯାଇଛି ବୋଲି ସେ ଗଣମାଧ୍ୟମରେ ଅଭିଯୋଗ କରିଛନ୍ତି। ଯେଉଁ ୭୧ ଗ୍ରାମକୁ ସରକାର ସିଡିଏରେ ମିଶାଇବାକୁ ଚାହିଁଛନ୍ତି ସେସବୁ ଗ୍ରାମ ଖୁଣ୍ଟୁଣୀ ଓ ଗୁରୁଡିଝାଟିଆ ଅଞ୍ଚଳରେ ଆସୁଛି। ହେଲେ ବିଜ୍ଞପ୍ତିରେ ଏହାକୁ ଚୌଦ୍ୱାର ଥାନା ଦେଖାଇ ସରକାର ଚଞ୍ଚକତା କରିଛନ୍ତି ବୋଲି ରଥ କହିଛନ୍ତି। ଏହାର ପ୍ରତିବାଦରେ ମଞ୍ଚ ପକ୍ଷରୁ ଆସନ୍ତା ୨୮ ତାରିଖରେ ୧୨ ଘଣ୍ଟିଆ ଆଠଗଡ ବନ୍ଦ ଡାକରା ଦିଆଯାଇଛି। ଏଥିରେ ଦଳଗତ ନିର୍ବିଶେଷରେ ସମସ୍ତେ ସହଯୋଗ କରିବାକୁ ନିବେଦନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ସମ୍ମିଳନୀରେ ମଞ୍ଚର ସମ୍ପାଦକ ଜଗଦାନନ୍ଦ ତ୍ରିପାଠୀ, ପରାମର୍ଶଦାତା ନାରାୟଣ ପଣ୍ଡା ଓ ଆଇନଜୀବୀ ଶଙ୍କର୍ଷଣ ମହାନ୍ତି ପ୍ରମୁଖ ଯୋଗଦେଇ ଥିଲେ।



କଟକ ଓଏମ୍‌ପି ଛକଠାରେ ଥିବା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିବା ବ୍ୟକ୍ତିବୃନ୍ଦ।

# ବିଚ୍ଛିନ୍ନାଞ୍ଚଳ ମିଶ୍ରଣରେ କୃଷ୍ଣଚନ୍ଦ୍ରଙ୍କ ଅବଦାନ ଅତୁଳନୀୟ

**କଟକ ଅଫିସ, ୨୬।୪**

### ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ

ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ କଟକ ମହାନଗର ନାଗରିକ ମହାସଭା ପକ୍ଷରୁ ଓଏମ୍‌ପି ଛକସ୍ଥିତ ମହାରାଜାଙ୍କ ପ୍ରତିମୂର୍ତ୍ତୀ ନିକଟରେ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସ୍ମୃତିଚାରଣ ସଭାରେ ମହାସଭାର ସଭାପତି ଡା. ରବିରଞ୍ଜନ ସାହୁ ଅଧ୍ୟକ୍ଷତା କରି କହିଥିଲେ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଥିଲେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିପ୍ରେମୀ। ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ନିମନ୍ତେ ତାଙ୍କର ଅବଦାନ ଅତୁଳନୀୟ ବୋଲି ସେ କହିଥିଲେ। ଏଥିରେ ସିଏମ୍‌ସି ଡେପୁଟି କମିଶନର ଅଜୟ ମହାନ୍ତି, ବୃନ୍ଦାବନ ସାହୁ, ପୂର୍ବତନ ଡିଆଇପିଆର୍‌ଓ ଅଶୋକ କୁମାର ଷଡ଼ଙ୍ଗୀ, କାହ୍ନୁଚରଣ ପାଣିଗ୍ରାହୀ, ଡା. ନୀଳାଦ୍ରି ପଣ୍ଡା, ପ୍ରଦୀପ୍ତ ମହାନ୍ତି, ରମାକାନ୍ତ ମହାପାତ୍ର, ବ୍ରଜ କିଶୋର ନନ୍ଦ, ମଦନ ମୋହନ ରାଉତ, ବିଚିତ୍ରାନନ୍ଦ ମିଶ୍ର, ଡ. ବସନ୍ତ କୁମାରୀ ନନ୍ଦ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଆଇନଜୀବୀ ଇଂ. ଆକାଶ ଭୂୟାଁ ଧନ୍ୟବାଦ ଦେଇଥିଲେ। ସେହିପରି କଟକ ଜିଲା ଉତ୍କଳ ସମ୍ମିଳନୀ ପକ୍ଷରୁ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ଓଏମ୍‌ପି ଛକସ୍ଥିତ କୃଷ୍ଣଚନ୍ଦ୍ରଙ୍କ ପ୍ରତିମୂର୍ତ୍ତି ନିକଟରେ ପାଳିତ ହୋଇଥିଲା। ଅନୁଷ୍ଠାନର ସଭାପତି ତଥା ଆଇନଜୀବୀ ମହମ୍ମଦ କମାରୁଲ୍ ହୁସେନଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ କିଶୋର କୁମାର ମହାନ୍ତି, ଡ. ବସନ୍ତ ନନ୍ଦ ପ୍ରମୁଖ ଯୋଗଦେଇ କୃଷ୍ଣଚନ୍ଦ୍ରଙ୍କ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ଅବଦାନ ବିଷୟରେ ଆଲୋକପାତ କରିଥିଲେ। ବିହଙ୍ଗରାଜବିଶ୍ୱାଳଧନ୍ୟବାଦଦେଇଥିଲେ।

## 'ସାମାଜିକ ଗଣମାଧ୍ୟମ:ଓଡ଼ିଆ ଭାଷା ଓ ସାହିତ୍ୟ' ପୁସ୍ତକ ଉନ୍ମୋଚିତ

**କଟକ ଅଫିସ,୨୬।୪**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ପରିସରରେ ରମେଶ ଚନ୍ଦ୍ର ବେହେରାଙ୍କ ଦ୍ୱାରା ସମ୍ପାଦିତ 'ସାମାଜିକ ଗଣମାଧ୍ୟମ: ଓଡ଼ିଆ ଭାଷା ଓ ସାହିତ୍ୟ' ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ସାମାଜିକ ଗଣମାଧ୍ୟମରେ ଓଡ଼ିଆ ଭାଷା ଓ ସାହିତ୍ୟର ସ୍ଥିତି ଏବଂ ସମ୍ଭାବନାକୁ ନେଇ ୨୦ଟି ଗବେଷଣା ଧର୍ମୀ ପ୍ରବନ୍ଧର ସମାହାର ଏହି ସଂକଳନ ଭୁବନେଶ୍ୱରର ପେଜମେକର ପବ୍ଲିକେଶନ ଦ୍ୱାରା ପ୍ରକାଶିତ ହୋଇଛି। ସ୍ନାତକୋତ୍ତର ଓଡ଼ିଆ ବିଭାଗ ସହଭାଗିତାରେ ଅନୁଷ୍ଠିତ ନିଖିଳ ଭାରତ ଓଡ଼ିଆ ଅଧ୍ୟାପକ ସମ୍ମେଳନର ବାର୍ଷିକ ଉତ୍ସବରେ ସଭାପତି ଦେବେନ୍ଦ୍ର ଦାଶ, ମୁଖ୍ୟ ଅତିଥି ପ୍ରଫେସର ଦାଶରଥି ଦାସ ତଥା ଅନ୍ୟାନ୍ୟ ଅତିଥିଙ୍କ ଗହଣରେ ଲୋକାର୍ପିତ ହୋଇଥିବା ଏ ପୁସ୍ତକ ସାମାଜିକ ଗଣମାଧ୍ୟମରେ ସକ୍ରିୟ ଲେଖକମାନଙ୍କ ପାଇଁ ଉପାଦେୟ ହେବ ବୋଲି ମତପ୍ରକାଶ ପାଇଛି।

# ଯାଞ୍ଚ ପରେ ବାଦ୍ ପଡିଲା ୪ ସଂସ୍ଥା

**କଟକ ଅଫିସ,୨୬।୪**

### ସଫେଇ ପାଇଁ ଟେଣ୍ଡର ଡକାଯିବା ଘଟଣା

ଆସନ୍ତା ୫ ବର୍ଷ ପାଇଁ ସହର ସଫେଇ ଲାଗି ଘରୋଇ ସଂସ୍ଥାଗୁଡ଼ିକୁ ନିୟୋଜିତ କରିବାକୁ କଟକ ମହାନଗର ନିଗମ(ସିଏମ୍‌ସି)ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ତେବେ ଏଥିପାଇଁ ପୂର୍ବରୁ ୨୫୦ କୋଟି ଟଙ୍କା ଟେଣ୍ଡର ଡକାଯାଇଛି। ଏଥିପାଇଁ ବୈଷୟିକ କମିଟିର ଏକ ବୈଠକ ମଙ୍ଗଳବାର ସିଏମ୍‌ସି କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଟେଣ୍ଡରରେ ଭାଗ ନେଇଥିବା ୯ଟି ସଂସ୍ଥାର କାଗଜପତ୍ର ଯାଞ୍ଚ କରାଯାଇଥିଲା। ସେଥିମଧ୍ୟରୁ ୪ଟି ସଂସ୍ଥା ବାଦ୍ ପଡିଛି। ନୂତନ ଟେଣ୍ଡର ନିୟମ ଅନୁସାରେ ସର୍ବାଧିକ ୬ ଓ ସର୍ବନିମ୍ନ ୩ଟି ସଂସ୍ଥା ସିଏମ୍‌ସି ସଫେଇ ଦାୟିତ୍ୱ ନେଇପାରିବେ। ୪ଟି ସଂସ୍ଥା ବାଦ୍ ପଡ଼ିବା ପରେ ଏବେ ୫ଟି ସଂସ୍ଥାର ଆର୍ଥିକ ବିଡ୍ ଖୋଲାଯିବ। ଉକ୍ତ ଘରୋଇ ସଂସ୍ଥା ନାଳରୁ ପଙ୍କୋଦ୍ଧାର, ଜଳାଶୟରୁ ଦଳ କାଢ଼ିବା, ସହରର ରାସ୍ତା ସଫେଇ, ବୁଦା କାଟିବା ଆଦି କାର୍ଯ୍ୟ କରିବ। ତେବେ ଏହି ଟେଣ୍ଡର ସମ୍ପର୍କରେ ଆସନ୍ତା କାଉନ୍‌ସିଲ ବୈଠକରେ ଆଲୋଚନା ହେବ ବୋଲି ସୂଚନା ମିଳିଛି।

# ସହକାରୀ ସମବାୟ ନିବନ୍ଧକଙ୍କୁ ତଦନ୍ତ ନିର୍ଦ୍ଦେଶ

**କଟକ ସଦର,୨୬।୪(ଡି.ଏନ୍.ଏ.)**

### ଧାନ ବିକି ଚାଷୀ ଟଙ୍କା ନ ପାଇବା ଘଟଣା

ସରକାର ଗତ ମାର୍ଚ୍ଚ ୩୧ ତାରିଖରୁ ଖରିଫ ଧାନ କ୍ରୟ ବନ୍ଦ କରିଦେଇଛନ୍ତି। ହେଲେ ସେହି ସମୟରୁ ଧାନ ବିକ୍ରି କରି କୁଇଣ୍ଟାଲ ପିଛା ୧୯୪୦ ଟଙ୍କା ପାଇ ନାହାନ୍ତି ବୋଲି କନ୍ଦରପୁର କୃଷକ ସେବା ସମବାୟ ସମିତିର କେତେଜଣ ଚାଷୀ ଖାଦ୍ୟ, ଯୋଗାଣ ଓ ଖାଉଟି ବ୍ୟାପାର ମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହାର ତଦନ୍ତ ପାଇଁ ବିଭାଗ ପକ୍ଷରୁ କଟକ ଜିଲା ସହକାରୀ ସମବାୟ ନିବନ୍ଧକ ଅନିମା ବେହେରାଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଘଟଣାରୁ ପ୍ରକାଶ, ୪୦ରୁ ଊର୍ଦ୍ଧ୍ୱ ଚାଷୀ ମାର୍ଚ୍ଚ ୩୧ ତାରିଖରେ ଧାନ ବିକ୍ରି କରିଥିଲେ। ହେଲେ ୭ ଦିନ ପରେ ସେମାନଙ୍କ ଆକାଉଣ୍ଟକୁ ଟଙ୍କା ଆସିଲା ନାହିଁ। ଫଳରେ ସେମାନେ ସମବାୟ ସମିତିକୁ ଯାଇ ଏ ସମ୍ପର୍କରେ ପଚାରିଥିଲେ। ସରକାରଙ୍କର ୱେବ୍‌ସାଇଟ୍ ବନ୍ଦ ହୋଇଯାଇଥିବାରୁ ଟଙ୍କା ମିଳିଲା ନାହିଁ। ତେଣୁ ୧୯୪୦ ଟଙ୍କା ପରିବର୍ତ୍ତେ ୧୪୫୦ ଟଙ୍କା ନେବା ପାଇଁ ସମିତି ପକ୍ଷରୁ କୁହାଯାଉଛି। ଏହାର ଶୀଘ୍ର ତଦନ୍ତ କରାଯିବ ବୋଲି ସହକାରୀ ସମବାୟ ନିବନ୍ଧକ ବେହେରା କହିଛନ୍ତି।

## ମାଙ୍କଡ଼ ଆକ୍ରମଣରେ ୧୦ରୁ ଊର୍ଦ୍ଧ୍ୱ ଆହତ

**ନିଶ୍ଚିନ୍ତକୋଇଲି,୨୬।୪(ସ୍ୱ.ପ୍ର)**

ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ଏକ ପାଗଳ ମାଙ୍କଡ ଉତ୍ପାତରେ ଲୋକେ ଆତଙ୍କିତ ହୋଇପଡିଛନ୍ତି। ଏହି ପାଗଳ ମାଙ୍କଡ କାମୁଡାରେ ୧୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ମାଙ୍କଡ଼କୁ ଧରିବାକୁ ବନ ବିଭାଗ ଜାଲ ବିଛାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ସଫଳ ହୋଇପାରିନାହିଁ। କିଛି ଦିନ ହେବ ପାଗଳ ମାଙ୍କଡଟି ବାଲିଆପଦା, ତିଳକଣା ଓ ବନ୍ଧକାଟିଆ ପଞ୍ଚାୟତରେ ଘୂରି ବୁଲିବା ସହ ଲୋକଙ୍କୁ ଆକ୍ରମଣ କରୁଛି। ଆକ୍ରମଣରେ ଲୋକେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଲୋକେ ବାହାରକୁ ବାହାରି ପାରୁ ନାହାନ୍ତି। ଏ ସମ୍ପର୍କରେ ଲୋକେ ବନ ବିଭାଗ ନିକଟରେ ଅଭିଯୋଗ କରିବା ପରେ ୩ ଦିନ ହେଲା ବନ ବିଭାଗ କର୍ମଚାରୀ ଯନ୍ତା ବସାଇ ମାଙ୍କଡ଼ଟିକୁ ଧରିବା ନିମନ୍ତେ ଉଦ୍ୟମ ଜାରି ରଖିଛନ୍ତି। ପ୍ରଶାସନ ପକ୍ଷରୁ ତୁରନ୍ତ ଏହି ପାଗଳ ମାଙ୍କଡ଼କୁ କାବୁ କରିବା ନିମନ୍ତେ ସାଧାରଣରେ ଦାବି ହୋଇଛି।




କଟକ ଜିଲା କ୍ରୀଡ଼ା ସଂସଦ ପକ୍ଷରୁ ବାଦାମବାଡ଼ିଠାରେ ଖୋଲାଯାଇଥିବା ଜଳଛତ୍ର କେନ୍ଦ୍ରକୁ ଡିସିପି ପ୍ରତୀକ୍ ସିଂ ଉଦ୍‌ଘାଟନ କରୁଛନ୍ତି।

# ଅଭିଯୋଗ ପରେ ସମସ୍ୟା ସମାଧାନ

**କଟକ ଅଫିସ,୨୬।୪**

### ବାଲିସାହି ବସ୍ତିବାସିନ୍ଦାଙ୍କ ସମସ୍ୟା

- ଆବର୍ଜନା ସଫା, ମରାମତି ହେଲା ପାଇଖାନା

କଟକ ନୂଆପଡ଼ା ବାଲିସାହି ବସ୍ତିରେ ପରିମଳ ବ୍ୟବସ୍ଥା ଶୋଚନୀୟ ହୋଇପଡିଥିଲା। ଏ ସମ୍ପର୍କରେ କଟକ ମହାନଗର ନିଗମ(ସିଏମ୍‌ସି) କମିଶନର ଅନନ୍ୟା ଦାସଙ୍କ ନିକଟରେ ଅଭିଯୋଗ ହେବା ପରେ ପରିମଳ ବ୍ୟବସ୍ଥାରେ ସୁଧାର ଆସିଛି। ମିଳିଥିବା ସୂଚନା ଅନୁଯାୟୀ, କଟକ ସହରରୁ ବିଭିନ୍ନ ବସ୍ତି ଉଚ୍ଛେଦ କରାଯାଇ ଲୋକମାନଙ୍କୁ ବାଲିସାହି ବସ୍ତିରେ ଥଇଥାନ କରାଯାଇଛି। ହେଲେ ଏଠାରେ ସେମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ପାଣି ସମସ୍ୟା ସହ ବସ୍ତିବାସିନ୍ଦାଙ୍କ ପାଇଁ କରାଯାଇଥିବା ପାଇଖାନା ଅଚଳାବସ୍ଥାରେ ରହିଥିଲା। ଏ ସମ୍ପର୍କରେ ସିଏମ୍‌ସିରେ ଅଭିଯୋଗ କରାଯାଇଥିଲେ ମଧ୍ୟ ପଦକ୍ଷେପ ନିଆଯାଇ ନ ଥିଲା। ଫଳରେ ବସ୍ତିନେତା ବୃନ୍ଦାବନ ଦାସ ଆଜାଦ ଗତ ସୋମବାର ସିଏମ୍‌ସି ଅଭିଯୋଗ ପ୍ରକୋଷ୍ଠରେ କମିଶନର ଦାସଙ୍କ ନିକଟରେ ଅଭିଯୋଗ କରିଥିଲେ। କମିଶନର ଏହି ଅଭିଯୋଗ ଶୁଣିବା ପରେ ବିଭାଗୀୟ ଅଧିକାରୀଙ୍କ ଉପରେ ବିରକ୍ତିଭାବ ପ୍ରକାଶ କରିବା ସହ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ସିଏମ୍‌ସି ବସ୍ତି ଉନ୍ନୟନ ଅଧିକାରୀ ଶ୍ୱେତପଦ୍ମା ଡି. ଶତପଥୀ, ନିର୍ବାହୀଯନ୍ତ୍ରୀ ଦିବ୍ୟରଞ୍ଜନ ତ୍ରିପାଠୀ ପ୍ରମୁଖ ଉକ୍ତ ସ୍ଥାନକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ସିଏମ୍‌ସି ପକ୍ଷରୁ ମଙ୍ଗଳବାର ଉକ୍ତ ଅଞ୍ଚଳରୁ ଆବର୍ଜନା ସଫା କରାଯିବା ସହ ଅଚଳ ପାଇଖାନାକୁ ମରାମତି କରାଯାଇଛି।

## ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ

**ସାଲେପୁର,୨୬।୪(ଡି.ଏନ୍.ଏ.)**

### ଜ୍ୟୋତି କିରଣ ବେଷ୍ଟ ଗ୍ରାଜୁଏଟ୍ -୨୦୨୧

ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ କଲେଜ ପରିଚାଳନା କମିଟି ସଭାପତି ମନୋରଞ୍ଜନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେବି ଅଟୋନମସ୍ କଲେଜର ପୂର୍ବତନ ଅଧକ୍ଷ ଡ. ସୁରେନ୍ଦ୍ର ନାଥ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ। ଡ. ପ୍ରସନ୍ନ କୁମାର ମହାପାତ୍ର, ଡ. ବୈଜୟନ୍ତୀ ନାୟକ, ପରୀକ୍ଷା ଉପନିୟନ୍ତ୍ରକ ଏନ୍. ବିଶ୍ୱାଳ ଓ କେ.କେ. ମୁଦୁଲି, ଡ. ସ୍ୱାତୀ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅର୍ଥଶାସ୍ତ୍ର ସମ୍ମାନରେ ଶୁଭଲକ୍ଷ୍ମୀ ଦାସ, ଶିକ୍ଷାରେ ସୁଦେଷ୍ଣା ଶତପଥୀ, ଇଂଲିଶରେ ମୈଥିଳି ଜେନା, ଗୃହବିଜ୍ଞାନରେ ଗାୟତ୍ରୀ ବେହେରା, ଓଡ଼ିଆରେ ଜୟଶ୍ରୀ ଦାଶ, ଫିଲୋଶିଫରେ ସାଇସ୍ଥା ପରୱିନ୍, ରାଜନୀତି ବିଜ୍ଞାନରେ ହିମାଂଶୁ ପରିଡ଼ା, ସଂସ୍କୃତରେ ପ୍ରିୟଦର୍ଶିନୀ ନାୟକ, ସୋସିଓଲୋଜିରେ ରସ୍ମିତା ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଉଦ୍ଭିଦ ବିଜ୍ଞାନ ସମ୍ମାନରେ ଶାଶ୍ୱତୀ ରଥ, କେମେଷ୍ଟ୍ରିରେ ଜ୍ୟୋତିକିରଣ ସାହୁ, ଗଣିତରେ ମଧୁସ୍ମିତା ବେହେରା, ଫିଜିକ୍‌ସରେ ସିମ୍ରନ୍ ଦାଶ, ଷ୍ଟାଟିଷ୍ଟିକ୍‌ରେ ଅନୁରାଗ ଦାଶ, ଜୁଲୋଜିରେ ଅଭିଷେକ ମିଶ୍ରଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ବାଣିଜ୍ୟରେ ଆଦିତ୍ୟ ନାରାୟଣ ଦାଶ ଟପ୍ପର ହୋଇ ସମ୍ମାନିତ ହୋଇଥିଲେ। ବେଷ୍ଟ ଗ୍ରାଜୁଏଟ୍-୨୦୨୧ ରୂପେ ବିଜ୍ଞାନ ଛାତ୍ରୀ ଜ୍ୟୋତିକିରଣ ସାହୁଙ୍କୁ ମାନପତ୍ର ଓ ମେଡାଲ ଦିଆଯାଇ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କଲେଜ ପରିଚାଳନା କମିଟି ବରିଷ୍ଠ ସଦସ୍ୟ ନବକିଶୋର କର, ଜୟଦେବ ଶତପଥୀ, ରମାବଲ୍ଲଭ ଷଡ଼ଙ୍ଗୀ, ଅବତନ ଷଡ଼ଙ୍ଗୀ, ସମିମ ଅଖତର, ଶିକ୍ଷାପରିଷଦ ସଦସ୍ୟ ବୀରନାରାୟଣ କର, ବିଜୟ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ବେରୋଜଗାରୀଙ୍କ ପାଇଁ ହିନ୍ଦୁ ସ୍ୱରୋଜଗାର ଯୋଜନା

**କଟକ ଅଫିସ,୨୬।୪**

ଅନ୍ତଃରାଷ୍ଟ୍ରୀୟ ହିନ୍ଦୁ ପରିଷଦ ହିନ୍ଦୁ ସୁରକ୍ଷା, ହିନ୍ଦୁ ସମୃଦ୍ଧି ଏବଂ ହିନ୍ଦୁଙ୍କୁ ସମ୍ମାନିତ କରିବା ପାଇଁ କାର୍ଯ୍ୟ କରୁଛି। ହିନ୍ଦୁ ଯୁବକ ଯେପରି ବେରୋଜଗାର ନ ରହିବେ ସେଥିପାଇଁ ହିନ୍ଦୁ ସ୍ୱରୋଜଗାର ଯୋଜନା ସଂଗଠନ ପକ୍ଷରୁ ଆରମ୍ଭ କରାଯାଇଛି। ଉକ୍ତ ଯୋଜନା ମାଧ୍ୟମରେ ଓଡ଼ିଶାର ୧ ହଜାର ପିଲାଙ୍କୁ ନିଯୁକ୍ତି ଦିଆଯିବ। ଅନ୍ୟପକ୍ଷରେ ବର୍ତ୍ତମାନ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କାର୍ଯ୍ୟାଳୟରେ ପାଖାପାଖି ୧ କୋଟି ପଦବୀ ଖାଲି ପଡ଼ିଛି। ଉକ୍ତ ପଦବୀଗୁଡ଼ିକରେ ଯୁଦ୍ଧକାଳୀନ ଭିତ୍ତିରେ ନିଯୁକ୍ତି କରିବା ପାଇଁ ଅନ୍ତଃରାଷ୍ଟ୍ରୀୟ ହିନ୍ଦୁ ପରିଷଦର ଅଧ୍ୟକ୍ଷ ଡ. ପ୍ରବୀଣ ଭାଇ ତୋଗାଡ଼ିଆ ଦାବି କରିଛନ୍ତି। ଅନ୍ତଃରାଷ୍ଟ୍ରୀୟ ହିନ୍ଦୁ ପରିଷଦ ଓ ରାଷ୍ଟ୍ରୀୟ ବଜରଙ୍ଗ ଦଳ ପକ୍ଷରୁ କଟକ ଶତାବ୍ଦୀ ଭବନଠାରେ ହିନ୍ଦୁ ହୁଙ୍କାର ସମାବେଶ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଏଥିରେ ତୋଗାଡ଼ିଆ




ହିନ୍ଦୁ ହୁଙ୍କାର ସମାବେଶରେ ପ୍ରବୀଣ ଭାଇ ତୋଗାଡ଼ିଆ ଉଦ୍‌ବୋଧନ ଦେଉଛନ୍ତି।

### ହିନ୍ଦୁ ହୁଙ୍କାର ସମାବେଶ

ଯୋଗଦେଇ କହିଥିଲେ, ଭାରତର ୧୭ କୋଟି ଲୋକ ଖାଦ୍ୟାଭାବରୁ କୁପୋଷଣର ଶିକାର ହେଉଛନ୍ତି। ତେଣୁ ହିନ୍ଦୁମାନେ ଭୋକରେ ନ ରହିବା ପାଇଁ ଏକ ମୁଠି ଅନାଜ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ସେହିପରି କୌଣସି ହିନ୍ଦୁ ଅର୍ଥ ପାଇଁ ଚିକିତ୍ସା ଅଭାବରୁ ମୃତ୍ୟୁବରଣ ନ କରିବାକୁ ଇଣ୍ଡିଆ ହେଲ୍‌ପ ଲାଇନ ଆରମ୍ଭ କରାଯାଇଛି। ଏହା ମାଧ୍ୟମରେ ୧୦ ହଜାର ଡାକ୍ତରଙ୍କୁ ଯୋଡାଯାଇଛି। ହିନ୍ଦୁ ସୁରକ୍ଷା ପାଇଁ ତ୍ରିଶୂଳ ଦିକ୍ଷା ଯୋଜନା ଆରମ୍ଭ କରାଯାଇଛି ବୋଲି ତୋଗାଡ଼ିଆ କହିଥିଲେ। ଏହି କାର୍ଯ୍ୟକ୍ରମରେ ହିନ୍ଦୁ ସଂସ୍କୃତି ଏବଂ ପରମ୍ପରାକୁ ରକ୍ଷା କରିବା ତଥା ସମାଜସେବା ଉପରେ କାର୍ଯ୍ୟ କରୁଥିବା କିଛି ବ୍ୟକ୍ତି ଓ ଅନୁଷ୍ଠାନକୁ ରାଷ୍ଟ୍ର ସେବକ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ସଂଗଠନର ଓଡ଼ିଶା ପ୍ରଦେଶ ରାଜ୍ୟ ସଭାପତି ଦୀପକ କୁମାର ମହାନ୍ତ, କାର୍ଯ୍ୟକାରୀ ସଭାପତି ବିଶ୍ୱରଞ୍ଜନ ଜେଠୀ, ରାଜ୍ୟ ଉପସଭାପତି ମହେନ୍ଦ୍ର ଦଳେଇ, ସନ୍ଥ ମାନସ ଚୈତନ୍ୟ ମହାରାଜ, ରାଷ୍ଟ୍ରୀୟ ବଜରଙ୍ଗ ଦଳର ବିଶ୍ୱନାଥ ପାତ୍ର, ଦୀନବନ୍ଧୁ ସିଂ ପ୍ରମୁଖ ଯୋଗ ଦେଇଥିଲେ। ସଂଗଠନର ରାଷ୍ଟ୍ରୀୟ ସମ୍ପାଦକ ମନୋଜ ସାହୁଙ୍କ ମାର୍ଗଦର୍ଶନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।